ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍यवेक्षक

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.150 Bhubaneswar Thursday, July 29, 2021 | ୨୪ତମ ବର୍ଷ ସଂଖ୍ୟା–୧୫୦ ଭୁବନେଶ୍ୱର, ଗୁରୁବାର, ଜୁଲାଇ ୨୯, ୨୦୨୧ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS







ବିଜେଡ଼ି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ତଥା ଯାଜପୁର ବିଧାୟକ ଶ୍ରୀ ପ୍ରଣବ କଳାହାଣ୍ଡି ଯାଦବ ମହାସଭା ପକ୍ଷରୁ ଆୟୋଜିତ ଜନନାୟକ ମହେଶ୍ୱର ନାୟକ ପାଠାଗାର ଭୂମିପୂଜନ ସମାରୋହକୁ ଉଦ୍‌ଘାଟନ କରୁଛନ୍ତି । ପାର୍ଶ୍ୱରେ ଅଛନ୍ତି ରାଜ୍ୟ ଶକ୍ତି ମନ୍ତ୍ରୀ କ୍ୟାପ୍ଟେନ ଦିବ୍ୟ ଶଙ୍କର ମିଶ୍ର, ଧର୍ମଗଡ଼ ବିଧାୟକ ଶ୍ରୀ ମୌଷଧି ବାଗ୍ ଏବଂ ମାନ୍ୟଗଣ୍ୟ ନେତୃବୃନ୍ଦ

## ଗୋଟିଏ ଦିନରେ ୧୭୦୩ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୮।୭(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୧୭୦୩ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୯୭୨୫୧୭ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୯୪୯୩୫୦ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୧୭୪୧୧ ରହିଛି । ଆଜି ଚିହ୍ନଟ ହୋଇଥିବା ୧୭୦୩ ଜଣଙ୍କ ମଧ୍ୟରୁ ୯୮୮ ଜଣ ସଂଗରୋଧରୁ ହୋଇଥିବା ବେଳେ ୭୧୫ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୩୮୬ଜଣ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୫୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୮୮ ଜଣ, ବରଗଡ଼ରୁ ୬ ଜଣ, ଭଦ୍ରକରୁ ୭୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୪, କଟକରୁ ୨୪୦, ଦେବଗଡ ଜିଲ୍ଲାରୁ ୯ ଜଣ, ଢେଙ୍କାନାଳ ଜିଲ୍ଲାରୁ ୫୨ ଜଣ, ଗଜପତି ଜିଲ୍ଲାରୁ ୩, ଗଞ୍ଜାମରୁ ୧୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୫୧ ଜଣ, ଯାଜପୁରରୁ ୮୫ ଜଣ, ଝାରସୁଗୁଡ଼ାରୁ ୦୫ ଜଣ, କଳାହାଣ୍ଡିରୁ ୧୨ ଜଣ, କନ୍ଧମାଳ ଜିଲ୍ଲାରୁ ୮ ଜଣ. କେନ୍ଦ୍ରାପଡ଼ାରୁ ୧୪୯ ଜଣ, କେନ୍ଦୁଝରରୁ ୨୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୩୮୬ ଜଣ, କୋରାପୁଟରୁ ୫ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୬୨ ଜଣ, ନବରଙ୍ଗପୁରରୁ ୪ ଜଣ, ନୟାଗଡ଼ରୁ ୪୬ ଜଣ ଚିହ୍ନଟ ହୋଇଥିବା ବେଳେ ନୂଆପଡ଼ାରୁ ୩ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ପୁରୀରୁ ୧୩୯ ଜଣ, ରାୟଗଡ଼ାରୁ ୩୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୧୫ ଜଣ, ସୋନପୁରରୁ ୧୦ ଜଣ, ସୁନ୍ଦରଗଡ଼ରୁ ୪୩ ଜଣ ଓ ଷ୍ଟେଟ୍ ପୁଲରୁ ୭୧ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## ୧୪ ସ୍ଲୁଇସ୍ ଗେଟ୍ ଦେଇ ହୀରାକୁଦ ଜଳଭଣ୍ଡାରରୁ ଜାରୀ ରହିଛି ଜଳ ନିଷ୍କାସନ

ସମ୍ବଲପୁର, ୨୮।୭(ପି.ଏନ): ହୀରାକୁଦ ଜଳଭଣ୍ଡାରରୁ ୧୪ଟି ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ଜାରି ରହିଛି । ଡ୍ୟାମ୍ ର ବାମ ପାର୍ଶ୍ୱ ଡାଇକ୍ ରେ ୯ଟି ଏବଂ ଡ଼ାହାଣ ପାର୍ଶ୍ୱ ଡାଇକ୍ ର ୫ଟି ସ୍ଲୁଇସ୍ ଗେଟ୍ ଓ ଅନ୍ୟାନ୍ୟ ପାୱାର ଚାନେଲ ଦେଇ ଜଳ ନିଷ୍କାସନ ଜାରୀ ରହିଛି । ଜଳ ଭଣ୍ଡାର ମଧ୍ୟକୁ ପ୍ରତି ସେକେଣ୍ଡରେ ୮୮ ହଜାର ୫୩୫ ଘନଫୁଟ୍ ଜଳ ପ୍ରବେଶ କରୁଛି । ସେହି ସମୟରେ ମୋଟ୍ ୧୪ଟି ସ୍ଲୁଇସ୍ ଗେଟ୍ ଓ ଅନ୍ୟାନ୍ୟ ପାୱାର ଚାନେଲ ଦେଇ ପ୍ରତି ସେକେଣ୍ଡରେ ୨ ଲକ୍ଷ ୨୧ ହଜାର ୧୫୧ ଘନଫୁଟ୍ ରୁ ଉର୍ଦ୍ଧ୍ୱ ଜଳ ମହାନଦୀକୁ ଛଡାଯାଉଛି । ବନ୍ଧର ସର୍ବୋଚ୍ଚ ଜଳ ଧାରଣ କ୍ଷମତା ୬୩୦ ଫୁଟ୍ ରହିଥିବା ବେଳେ ଜଳ ଭଣ୍ଡାରର ଜଳସ୍ତର ଆଜି ଅପରାହ୍ନ ୩ଟା ସୁଦ୍ଧା ୬୦୭.୫୮ ଫୁଟ୍ ରହିଛି ।

## ସୀମା ବିବାଦ ଉପରେ ଆସାମ-ମିଜୋରାମର ଉଚ୍ଚାଧିକାରୀଙ୍କ ସହିତ ଗୃହ ସଚିବଙ୍କ ବୈଠକ

ନୂଆଦିଲ୍ଲୀ, ୨୮।୭(ପି.ଏନ): ଆସାମ-ମିଜୋରାମ ସୀମା ବିବାଦ ମାମଲାରେ କେନ୍ଦ୍ରୀୟ ଗୃହ ସଚିବ ଅଜୟ ଭଲ୍ଲା ବୁଧବାର ଦିନ ଦୁଇ ରାଜ୍ୟର ସର୍ବୋଚ୍ଚ ଅଧିକାରୀଙ୍କୁ ଡାକି ଅଲଗା ଅଲଗା ବୈଠକ କରିଛନ୍ତି । ଭଲ୍ଲା ମିଜୋରାମର ମୁଖ୍ୟ ସଚିବ ଲାଲନୁନମାବିୟା ଚୁଆଙ୍ଗୋ ଏବଂ ପୋଲିସ୍ ମହାନିର୍ଦ୍ଦେଶକ(ଡିଜିପି) ଏସ୍‌ବିକେ ସିଂହଙ୍କ ସହିତ ଆଲୋଚନା କରିଛନ୍ତି । କେନ୍ଦ୍ରୀୟ ଗୃହ ସଚିବ ନର୍ଥ ବ୍ଲକ ଠାରେ ଥିବା ଅଫିସ୍‌ରେ ମିଜୋରାମର ଡିଜିପି ଏସ୍‌ବିକେ ସିଂହ ଏବଂ ଆସାମର ଡିଜିପି ଭାସ୍କର ଜ୍ୟୋତି ମହନ୍ତଙ୍କ ସହିତ ବି ଅଲଗା ବୈଠକ କରି ଦୁଇ ରାଜ୍ୟର ସୀମାରେ ହିଂସା କମ୍ କରିବାକୁ ଆବଶ୍ୟକ ନିର୍ଦ୍ଦେଶ ବି ଦେଇଛନ୍ତି । ଦୁଇ ରାଜ୍ୟ ମଧ୍ୟରେ ସୀମା ବିବାଦକୁ ନେଇ ୧୯୯୫ରୁ ଅନେକ ଥର ଆଲୋଚନା ହୋଇଛି, କିନ୍ତୁ ଏବେ ପର୍ଯ୍ୟନ୍ତ କୌଣସି ସମାଧାନ ବାହାରି ପାରିନାହିଁ । ଗତ ସୋମବାର ଦିନ ଦୁଇ ରାଜ୍ୟର ସୀମା ବିବାଦକୁ ନେଇ ହିଂସା ଖୁବ୍ ଜୋର୍ ହୋଇଥିଲା । ଏଥିରେ ଆସାମ ପୋଲିସର ୬ ସୈନିକଙ୍କ ଜୀବନ ଯାଇଥିଲା । ଏହାପରେ କେନ୍ଦ୍ରୀୟ ଗୃହ ମନ୍ତ୍ରୀ ଅମିତ ଶାହ ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରି ତୁରନ୍ତ ହିଂସା ଉପରେ ନିୟନ୍ତ୍ରଣ ପାଇଁ କହିଥିଲେ । ବିବାଦୀୟ ଅଂଚଳରେ ଏହି ସମୟରେ କେନ୍ଦ୍ରୀୟ ସୁରକ୍ଷା ବାହିନୀଙ୍କୁ ତୈନାତି କରାଯାଇଛି ।ଉଲ୍ଲେଖନୀୟ ଯେ ମିଜୋରାମର ତିନି ଜିଲ୍ଲା, କୋଲାସିବ, ମମିତ ଏବଂ ଆଇଜୋଲ ତଥା ଆସାମର କରୀମଗଞ୍ଜ, କଚ୍ଛାର ଏବଂ ହେଲାକାଂଡି ନିଜ ନିଜ ମଧ୍ୟରେ ଖରାପ ସମ୍ପର୍କରେ ରହିଛନ୍ତି । ସୀମାଙ୍କନ ସ୍ପଷ୍ଟ ହୋଇନଥିବାରୁ ନିଜ ନିଜ ଅଂଚଳକୁ ନେଇ ଅନେକ ଥର ବିବାଦୀୟ ସ୍ଥିତି ସୃଷ୍ଟି ହେଉଛି । ଏଥର ବିବାଦ ହିଂସାର ରୂପ ଧାରଣ କରିଛି ଯଦ୍ୱାରା ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ କେନ୍ଦ୍ରୀୟ ଗୃହମନ୍ତ୍ରୀ ଅମିତ ଶାହାଙ୍କ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଛନ୍ତି । ଶ୍ରୀ ଶାହ ଏହି ମାମଲାରେ ହସ୍ତକ୍ଷେପ କରି ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ସହିତ ଏହାର ଶାନ୍ତିପୂର୍ଣ୍ଣ ଢଙ୍ଗରେ ସମାଧାନ କରିବାକୁ କହିଛନ୍ତି । ସୀମାବର୍ତି ରାଜ୍ୟରେ ଏପରି ବିବାଦକୁ ଦେଖି ଗୃହ ମନ୍ତ୍ରାଳୟ ବିଶେଷ ଭାବରେ ସକ୍ରିୟ ହୋଇଛି ।

## ଜୁଲାଇ ୩୧ରେ ଯୁକ୍ତ ୩ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷା ଫଳ

ଭୁବନେଶ୍ୱର, ୨୮।୭(ପି.ଏନ): ୨୦୨୧ ମସିହା ବାର୍ଷିକ ଉଚ୍ଚ ମାଧ୍ୟମିକ ପରୀକ୍ଷାର ବିଜ୍ଞାନ ଓ ବାଣିଜ୍ୟ ଶିକ୍ଷା ପାଠ୍ୟକ୍ରମର ଫଳ ଚଳିତ ଜୁଲାଇ ୩୧ ତାରିଖ ସନ୍ଧ୍ୟାରେ ପ୍ରକାଶ ପାଇବ । କଳା ଏବଂ ଧନ୍ଦାମୂଳକ ପାଠ୍ୟକ୍ରମର ଆବଶ୍ୟକୀୟ କାଗଜପତ୍ର ଯାଂଚ କରିବାରେ ଅଧିକ ସମୟର ଆବଶ୍ୟକତା ଦୃଷ୍ଟିରୁ ଏହାର ଫଳ ପ୍ରକାଶନ ପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଉଛି । ଏହି ଉଭ ୟ ପାଠ୍ୟକ୍ରମର ଫଳାଫଳ ଜୁଲଇଇ ୩୧ ତାରିଖ ପରେ ପ୍ରକାଶ ପାଇବ । ଏଥି ପାଇଁ ଅନୁମତି ନିମନ୍ତେ ସୁପ୍ରିମ କୋର୍ଟଙ୍କ ନିକଟରେ ପରିଷଦ ତରଫରୁ ସମୟ ଯାଚିକା ଦାଖଲ କରାଯାଇଛି । କଳା ଓ ଧନ୍ଦାମୂଳକ ପାଠ୍ୟକ୍ରମର ପରୀକ୍ଷା ଫଳ ଖୁବ୍‌ଶୀଘ୍ର ପ୍ରକାଶନ ପାଇଁ ପରିଷଦ ତରଫରୁ ସମସ୍ତ ପ୍ରକାର ପ୍ରସ୍ତୁତି ଜାରି ରହିଛି ବୋଲି ଉଚ୍ଚ ମାଧ୍ୟମିକ ପରିଷଦ ସୂତ୍ରରୁ ପ୍ରକାଶ ।

## ଅବନ୍ତୀପୁରରୁ ହିଜବୁଲର ଜଣେ ଆତଙ୍କବାଦୀ ଗିରଫ

ପୁଲଓ୍ୱାମା, ୨୮।୭(ପି.ଏନ): ପୁଲଓ୍ୱାମା ଜିଲ୍ଲାର ଅବନ୍ତୀପୁର ଅନ୍ତର୍ଗତ ଶରଶାଳୀ ଖ୍ରୟୁ ଅଂଚଳରୁ ସୁରକ୍ଷାକର୍ମୀ ଜଣେ ଆତଙ୍କବାଦୀକୁ ଗିରଫ କରିଛି । ତା'ର କବ୍‌ଜାରେ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଏବଂ ଗୋଳାବାରୁଦ ଜବତ ହୋଇଛି । ଧରାପଡ଼ିଥିବା ଆତଙ୍କବାଦୀ ହିଜବୁଲ ମୁଜାହିଦୀନ ଆତଙ୍କବାଦୀ ସଂଗଠନ ସହିତ ସମ୍ପର୍କିତ । ତାକୁ ପଚରାଉଚୁରା ଆରମ୍ଭ କରିଦିଆ ଯାଇଛି । ପୋଲିସ୍‌ର ଜଣେ ଅଧିକାରୀ କହିଛନ୍ତି କି ଅବନ୍ତୀପୁରର ଖରୟୁ ଅଂଚଳରେ ଆତଙ୍କବାଦୀଙ୍କ ଉପସ୍ଥିତିର ସୂଚନା ପାଇ ସେନାର ୫୦ ଆରଆର୍ ଏବଂ ସିଆରପିଏଫ୍‌ର ୧୮୫ ବାଟାଲିୟନର ଜବାନମାନେ ସମ୍ପୂର୍ଣ୍ଣ ଅଂଚଳକୁ ଘେରାବନ୍ଦୀ କରି ତଲାସୀ ଅଭିଯାନ ଆରମ୍ଭ କରିଥିଲେ । ଏହି ସମୟରେ ଶାରଶାଳୀ ଖରୟୁ ଅଂଚଳରେ ଏକ ଜାଗାରେ ହଲଚଲ ଦେଖି ସୁରକ୍ଷାକର୍ମୀମାନେ ଘେରାବନ୍ଦୀ ଆହୁରି କଡ଼ାକଡ଼ି କରିଦେଇଥିଲେ । ଏହି ସମୟରେ ସେଠାରେ ଲୁଚିଥିବା ଆତଙ୍କବାଦୀ ସୁଯୋଗ ପାଇ ପଳାଇଯିବାକୁ ଚେଷ୍ଟା କରିଥିଲେ । କିନ୍ତୁ ସୁରକ୍ଷାକର୍ମୀମାନେ ତାକୁ ଧରିପକାଇଥିଲେ । ଗିରଫ ହୋଇଥିବା ଆତଙ୍କବାଦୀ ହେଲା ସାହିଲ ମଞ୍ଜୁର ନିବାସୀ ତୁଲବାଗ ପାଂପୋର । ତାକୁ ପଚରାଉଚୁରା କରିବା ସମୟରେ କହିଥିଲା ଯେ ସେ ହିଜବୁଲ ମୁଜାହିଦ୍ଦିନ ଆତଙ୍କବାଦୀ ସଂଗଠନ ସହିତ ସମ୍ପର୍କୀତ । ସୂଚନା ଅନୁସାରେ ପଚରାଉଚୁରା ପରେ ଅନ୍ୟ କେତେକ ଧରାପଡ଼ିବାର ସମ୍ଭାବନା ରହିଛି ।

## ଅବକାରୀ ଓ ପୋଲିସର ମିଳିତ ଚଢ଼ଉ

ଗଞ୍ଜାମ, ୨୮।୭(ପି.ଏନ): ଅବକାରୀ ବିଭାଗ ଓ ବୁଗୁଡ଼ା ପୋଲିସ ପକ୍ଷରୁ ମିଳିତ ଭାବେ ଚଢ଼ଉ କରାଯାଇ ୩୩୦୦ ଲିଟର ପୋଚ ନଷ୍ଟ କରାଯାଇଥିବା ବେଳେ ୯୭ ଲିଟର ଦେଶି ମଦ ଜବତ କରାଯାଇଛି । ଘଟଣାରେ ୪ ଜଣଙ୍କୁ ଗିରଫ କରାଯାଇଛି । ସୂଚନା ଅନୁଯାୟୀ, ବୁଗୁଡ଼ା ତହସିଲଦାର ସଂଗ୍ରାମ କେଶରୀ ଜେନାଙ୍କ ଉପସ୍ଥିତିରେ ବୁଗୁଡ଼ା ଅବକାରୀ ବିଭାଗ ଓ ପୋଲିସ ପକ୍ଷରୁ ମୋଚି ସାହି, ମାଣିତରା ହାଡ଼ିସାହି, ତାମ୍ପିରି ଓ ଜଗତପାଟଣା ଗ୍ରାମରେ ଚଢ଼ଉ କରାଯାଇ ୩ ଜଣଙ୍କୁ ଗିରଫ କରାଯାଇଛି । ବୁଗୁଡ଼ାରେ ମଧ ଚଢ଼ଉ କରାଯାଇ ଜଣଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତ ମାନଙ୍କୁ କୋର୍ଟଚାଲାଣ କରାଯାଇଛି । ଏହି ମିଳିତ ଚଢ଼ଉରେ ତହସିଲଦାରଙ୍କ ସମେତ ବୁଗୁଡ଼ା ଅବକାରୀ ଥାନା ଅଧିକାରୀ ବ୍ରହ୍ମାନନ୍ଦ ଭୋଇ, ହିଞ୍ଜିଳି ଅବକାରୀ ଥାନା ଅଧିକାରୀ ଧନଞ୍ଜୟ ପାତ୍ର, ଆସିକା ଅବକାରୀ ଥାନା ଅଧିକାରୀ ଧିରେନ ବେହେରା, ଛତ୍ରପୁର ଫ୍ଲାଇଙ୍ଗ୍ ଫୋର୍ସ ଓ ବୁଗୁଡ଼ା ପୋଲିସ ସାମିଲ୍ ଥିଲେ ।

## ପୋର୍ଟାଲରୁ ମିଳିପାରିବ ପେନ୍‌ସନ୍ ଅର୍ଡର

ଭୁବନେଶ୍ୱର, ୨୮।୭(ପି.ଏନ): କଂଟ୍ରୋଲର ଅଫ୍ ଏକାଉଂଟସ୍ କାର୍ଯ୍ୟାଳୟ ଦ୍ୱାରା ପଠାଯାଇଥିବା ପେନ୍‌ସନ୍ ଅର୍ଡରଗୁଡ଼ିକ ଚଳିତ ବର୍ଷ ଅପ୍ରେଲ ପହିଲାଠାରୁ ଆଇଏଫ୍‌ଏମ୍‌ଏସ୍ ପୋର୍ଟାଲରେ ଅପ୍‌ଲୋଡ୍ କରାଯାଉଛି । ସଂପୃକ୍ତ ଅବସରପ୍ରାପ୍ତ କର୍ମଚାରୀ ଅଥବା ମୃତ କର୍ମଚାରୀଙ୍କ ଉତରାଧିକାରୀଙ୍କୁ ଏସ୍‌ଏମ୍‌ଏସ୍ ମାଧ୍ୟମରେ ଅବଗତ କରାଯାଉଛି । ସେମାନେ ସଂପୃକ୍ତ ଟ୍ରେଜେରୀ/ସ୍ୱତନ୍ତ୍ର ଟ୍ରେଜେରୀ/ସବ୍‌ଟ୍ରେଜେରୀ ଅଫିସରମାନଙ୍କଠାରୁ ସେମାନଙ୍କ ପ୍ରାପ୍ୟ ପାଇବା ପାଇଁ ସାକ୍ଷାତ କରିପାରିବେ । ଆବଶ୍ୟକ ସ୍ଥଳେ ପେନ୍‌ସନ୍ ଭୋଗୀମାନେ ସେମାନଙ୍କ ପେନ୍‌ସନ୍ ପେମେଂଟ ଆଦେଶ odishatreasury.gov.in ମାଧ୍ୟମରେ ଡାଉନ୍‌ଲୋଡ୍ କରିପାରିବେ ।

## ରାଜଧାନୀରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବୃଦ୍ଧି : ବିଏମସି କମିଶନରଙ୍କୁ ଭେଟିଲା ଜିଲ୍ଲା ବିଜେପି

ଭୁବନେଶ୍ୱର, ୨୮।୭(ପି.ଏନ): ରାଜଧାନୀରେ ଡେଙ୍ଗୁରୋଗୀଙ୍କ ସଂଖ୍ୟା ବୃଦ୍ଧି ପ୍ରସଙ୍ଗରେ ଜିଲ୍ଲା ବିଜେପି ସଭାପତି ବାବୁ ସିଂ ନେତୃତ୍ୱରେ ଜିଲ୍ଲା ବିଜେପିର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ବିଏମସି କମିଶନରଙ୍କୁ ଭେଟି ଦାବୀ ଜଣାଇବା ସହ ଯୁଦ୍ଧକାଳୀନ ପରିସ୍ଥିତିରେ ଡେଙ୍ଗୁ ନିରାକରଣ ପାଇଁ ବିହୀତ ପଦକ୍ଷେପ ଗ୍ରହଣ କରିବାକୁ ଦାବୀ କରିଛନ୍ତି ।ପ୍ରଥମେ ମହାମାରୀ କରୋନା ଏବଂ ବର୍ତମାନ ଡେଙ୍ଗୁ କାରଣରୁ ରାଜଧାନୀ ବାସିନ୍ଦା ଏବେ ଭୟଭୀତ ଅବସ୍ଥାରେ ଅଛନ୍ତି । ରାଜଧାନୀରେ କରୋନା ପରେ ଡେଙ୍ଗୁ ଜ୍ୱର ଏକ ବଡ ସମସ୍ୟା ପାଲଟିଛି । କିନ୍ତୁ ଦୁର୍ଭାଗ୍ୟର କଥା ବିଏମସି ଏ ଦିଗରେ କୌଣସି ପଦକ୍ଷେପ ନନେଇ ଚୁପ୍ ବସିଛି । ବର୍ଷା ଦିନ ପାଇଁ ବିଏମସିର କୌଣସି ପ୍ରାକ୍ ପ୍ରସ୍ତୁତି ନଥିଲା । ନାଳ ନର୍ଦ୍ଦମା ଅପରିଷ୍କାର ହୋଇ ପଡି ରହିଛି । ମଶାମରା ପାଇଁ ତେଲ ଓ ଧୂଆଁ ବ୍ୟବହାର କରାଯାଉନାହିଁ । ଭୁବନେଶ୍ୱର ବାସିନ୍ଦାଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇବା, ଡ୍ରେନେଜ ସଫା କରିବା, ରାସ୍ତାଘାଟ ମରାମତି କରିବା ଦିଗରେ ବିଏମସି ସଂପୂର୍ଣ୍ଣଭାବେ ଚୁପ୍ ରହିଛି । ଡେଙ୍ଗୁ ରୋଗ ବ୍ୟାପୁଥିବା ସ୍ଥାନ ଗୁଡିକୁ ବିଏମସି ଚିହ୍ନଟ କରି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ ବୋଲି କହିବା ସହ ବିଏମସି କର୍ତୃପକ୍ଷ ତୁରନ୍ତ ବିହୀତ ପଦକ୍ଷେପ ଗ୍ରହଣ କରିବାକୁ ଶ୍ରୀ ସିଂ ଦାବୀ କରିଛନ୍ତି ।ଏହି ପ୍ରତିନିଧି ଦଳରେ ରାଜ୍ୟ ମୁଖପାତ୍ର ଦିଲୀପ ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ଜିଲ୍ଲା ସାଧାରଣ ସଂପାଦକ ଅଭିଷେକ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ ।

## ରାଜଧାନୀରେ ୨୪ ଘଂଟାରେ ୧୮୨ ପଜିଟିଭ୍

ଭୁବନେଶ୍ୱର, ୨୮।୭(ପି.ଏନ): ରାଜଧାନୀ ଭୁବନେଶ୍ୱରରେ କରୋନା ସଂକ୍ରମଣ ହ୍ରାସ ପାଉଛି । ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଂଚଳରୁ ବୁଧବାର ଦିନ ଆଉ ୧୮୨ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ସେଥିରୁ ୨୮ ଜଣ କ୍ୱାରେଂଟାଇନ୍ ରୁ ରହିଥିବା ବେଳେ ୧୫୪ଲୋକାଲ୍ କେସ୍ ରହିଛନ୍ତି । ଅପରପକ୍ଷରେ ୨୪ ଘଂଟାରେ ୧୭୫ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି । ଏନେଇ ବିଏମ୍‌ସି ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି ।ବିଏମସିର ସୂଚନା ଅନୁସାରେ ଲୋକାଲ ଆକ୍ରାନ୍ତଙ୍କ ମଧ୍ୟରୁ ପଟିଆ, ଚନ୍ଦ୍ରଶେଖରପୁର ଓ ଓଲ୍ଡଟାଉନ୍ ରୁ ୧୧ ଜଣ ଲେଖାଏଁ,ନୟାପଲ୍ଲୀ ଓ ଖଣ୍ଡଗିରି ରୁ ୧୦ ଜଣ ଲେଖାଏଁ ,ନିଳାଦ୍ରୀବିହାରରୁ ୭ ଜଣ , ଟଙ୍କପାଣି ରୋଡ୍ ରୁ ୫ ଜଣ ଲେଖାଏଁ ଆକ୍ରାନ୍ତ ରହିଛନ୍ତି । ବିଏମସିର ସୂଚନା ଅନୁଯାୟୀ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୯୮୭୬୭ କୁ ବୃଦ୍ଧି ପାଇଛି ।





ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର, ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ(୫ଟି) ଶ୍ରୀ ଭି.କେ.ପାଣ୍ଡିଆନ, କୋରାପୁଟ ଏବଂ ନବରଙ୍ଗପୁର ଜିଲ୍ଲାର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା କରୁଛନ୍ତି

## ସମୁଦ୍ରକୂଳେ ସିନ୍ଥେଟିକ୍ ୱାଲ କେବେ ?

ପୁରୀ, ୨୮।୭(ପି.ଏନ): ଶ୍ରୀକ୍ଷେତ୍ର ହେବ ବିଶ୍ୱ ଐତିହ୍ୟ ସହର । ଭାଟିକାଲ ସିଟି ପରି ଆଲୋକମୟ ହେବ ପୁରୀ ସହର । ବିଶ୍ୱସ୍ତରୀୟ ଏୟାରପୋର୍ଟ ନିର୍ମାଣ ହେବ । ୨୪ ଘଂଟିଆ ବିଶୁଦ୍ଧ ପାନୀୟ ଜଳ ସାହି ବସ୍ତିରେ ପହଞ୍ଚିଲାଣି । ଓଡ଼ିଶାର ପ୍ରଥମ ଶ୍ରୀସେତୁ ପୁରୀରେ ନିର୍ମାଣ ହେବ । ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ପାଇଁ ସମୁଦ୍ରକୂଳ ରାସ୍ତା ଓସାରିକରଣ ସହ ପର୍ଯ୍ୟଟକ ବସିବା ପାଇଁ ବ୍ୟବସ୍ଥା ହୋଇଛି । ମଙ୍ଗଳାଘାଟ - ଷ୍ଟର୍ଲିଙ୍ଗ ରାସ୍ତା ଶେଷ ହୋଇଛି । ଚାରିୟଟ ହୋଟେଲ ଛକରୁ ସମୁଦ୍ରକୂଳକୁ ସଂଯୋଗ କରିବା ପାଇଁ ଏକ ଚାରିଥାକିଆ ରାସ୍ତା ନିର୍ମାଣ ହୋଇଛି । ଏହି ରାସ୍ତା ସ୍ୱର୍ଗଦ୍ୱାର ଠାରୁ ସମୁଦ୍ରକୂଳକୁ ଆସିଥିବା ରାସ୍ତା ସହ ସଂଯୋଗ ହୋଇଛି । ଜାତୀୟ ରାଜପଥ ଏହି ରାସ୍ତା ସହ ସଂଯୋଗ ହେବା ପାଇଁ ଅନୁମତି ଦେଉନାହିଁ । ରାସ୍ତା ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ୭କୋଟି ୫୦ ଲକ୍ଷ ଟଙ୍କା ବ୍ୟୟରେ ଏହି ରାସ୍ତାକୁ ଠିକାଦାର ନିର୍ମାଣ କରି ସରକାରଙ୍କ ଅନୁମତି ପାଇଁ ଚାହିଁ ରହିଛି । ସମୁଦ୍ରକୂଳ ପତନ ଠାରୁ ୧୨ ଫୁଟ ଉଚ୍ଚତାରେ ଏହି ରାସ୍ତା ନିର୍ମାଣ ହୋଇଛି । ପ୍ରଥମେ କଳା ମାଟିଦେଇ ପ୍ୟାକିଂ କରାଯାଇ ନାଲି ମୋରମ ରୋଲିଂ କରାଯାଇଛି । ଗତବର୍ଷାରେ ରାସ୍ତା ପାଣି ସମୁଦ୍ରକୂଳକୁ ଭାସିବା ଫଳରେ ରାସ୍ତାର ଧାର ଫାଟିବାକୁ ବସିଲାଣି । ସିନ୍ଥେଟିକ ୱାଲ ପାଇଁ ରାଜ୍ୟ ସରକାର ଅନୁମତି ଦେବା ସହ ଆର୍ଥିକ ଅନୁମୋଦନ କରାଗଲେ ଏହି ରାସ୍ତା ନିର୍ମିତ ହେବ । ଅକ୍ଟୋବର ୨୦୨୦ରୁ ଦୀର୍ଘ ୧୦ମାସ ଧରି ଏହି ରାସ୍ତା ନିର୍ମାଣ ହୋଇଥିଲେ ମଧ ତାହା ସମ୍ପୂର୍ଣ୍ଣ ହୋଇ ପାରୁନାହିଁ । ସରକାରୀକା ମାଲ ଦରିଆ ମେଁ ଡ଼ାଲ ନ୍ୟାୟରେ ଗତ ଫନୀ ବାତ୍ୟାରେ ଦିଗବାରେଣୀ ଖୁଂଟ ଠାରୁ ପିୟରଲେସ୍ ଛକ ପର୍ଯ୍ୟନ୍ତ ସମୁଦ୍ର କୂଳେ ହୋଇଥିବା ସିମେଂଟ ଇଟାର ପାଚେରୀ ସମ୍ପୂର୍ଣ୍ଣ ଭାଙ୍ଗି ଯାଇ ବାଲିରେ ମିଶିଥିଲା । ଖଣ୍ଡିଏ ଇଟାକୁ ଉଦ୍ଧାର କରାଯାଇ ପାରିନଥିଲା । କୋଟି କୋଟି ଟଙ୍କା ସମୁଦ୍ର ବାଲିରେ ଲୀନ ହୋଇଥିଲା । ସେହିପରି ଏହି ୭.୫କୋଟି ଟଙ୍କାର ରସ୍ତା ନଷ୍ଟ ହୋଇଯିବାର ଆଶଙ୍କା ଦେଖା ଦେଇଛି । ସେଠାରେ ୩ଶହ ମିଟର ସିନ୍ଥେଟିକ ୱାଲ କରାଗଲେ ଏହି ରାସ୍ତା ସୁରକ୍ଷିତ ହୋଇପାରିବ ବୋଲି ସାଧାରଣରେ ଆଲୋଚନା ହେଉଛି ।ରାସ୍ତାକାନ୍ଥ ସହ ପର୍ଯ୍ୟଟକ ଦର୍ଶକ ଗ୍ୟାଲେରୀ କରାଯାଉ- ଏହି ୩ଶହ ମିଟର ପର୍ଯ୍ୟନ୍ତ ଦୂରତାର ସିନ୍ଥେଟିକ ୱାଲ ପ୍ରତି ବଦଳରେ କଂକ୍ରିଟ ୱାଲ କରାଯିବା ସହ ଚାରି ଥାକିଆ ଦର୍ଶକ ଗ୍ୟାଲେରୀ ପିଣ୍ଡି ନିର୍ମାଣ କଲେ ଦର୍ଶକମାନେ ଉପକୃତ ହୋଇପାରିବେ ବୋଲି ସ୍ଥାନୀୟ ଅଞ୍ଚଳବାସୀ ମତ ଦେଇଛନ୍ତି । ଏବେ ପ୍ରତିଦିନ କଟକ -ଭୁବନେଶ୍ୱରରୁ ଶହ ଶହ ଚାରିଚାକିଆ ଓ ଦୁଇ ଚକିଆ ଗାଡ଼ିରୁ ପର୍ଯ୍ୟଟକମାନେ ଆସି ସେହି ସ୍ଥାନରେ ଘଂଟା ଘଂଟା ଧରି ବସି ସମୁଦ୍ର ଦୃଶ୍ୟ ଦେଖୁଛନ୍ତି । ଏହି ସ୍ଥାନଟି ଖୋଲା ସ୍ଥାନ ହୋଇଥିବାରୁ ପର୍ଯ୍ୟଟକମାନେ ସ୍ୱର୍ଗଦ୍ୱାର ଗହଳି ଅଞ୍ଚଳରେ ସମୁଦ୍ର ଦର୍ଶନ ନକରି ଏବେ ଏହି ସ୍ଥାନକୁ ଆସୁଛନ୍ତି । ଏହା ସହ ମଙ୍ଗଳାନଦୀ ଓ ସମଦ୍ରର ମିଳନ ସ୍ଥଳ ମୁହାଣର ଅପରୂପ ଦୃଶ୍ୟକୁ ଦେଖୁଛନ୍ତି । ଅନ୍ୟ କେତେକ ଦେଶ ଓ ରାଜ୍ୟରେ ସମୁଦ୍ର କୂଳେ କୂଳେ ପର୍ଯ୍ୟଟକଙ୍କ ପାଇଁ ସମସ୍ତ ସୁବିଧା ଦେଉଥିବା ବେଳେପୁରୀରେ କାହିଁକି ଏଭଳି ସୁବିଧା ଅନୁମତି ଅଣାଯାଇ କରାଯିବ ନାହିଁ ବୋଲି ଜଣେ ବଙ୍ଗୀୟ ପର୍ଯ୍ୟଟକ ମତ ଦେଇଛନ୍ତି । ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରୀକୁ ବିଶ୍ୱସ୍ତରୀୟ ସହର ଭାବେ ଗଢି ତୋଳିବା ପାଇଁ ସ୍ୱପ୍ନ ଦେଖୁଛନ୍ତି । ପର୍ଯ୍ୟଟକଙ୍କ ସୁବିଧା ପାଇଁ ସମୁଦ୍ରକୂଳ ଉନ୍ନତିକରଣ କରାଗଲେ ପର୍ଯ୍ୟଟକମାନେ ଅଧିକ ଦିନ ପୁରୀରେ ରହିବେ ।

## ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର ଓ ସାରସ୍ୱତ ସମ୍ବର୍ଦ୍ଧନା ପ୍ରଦାନ ଉତ୍ସବ

ଭୁବନେଶ୍ୱର,୨୮।୭(ପି.ଏନ): ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ୨୦୨୦ ମସିହା ନିମନ୍ତେ ଏକାଡେମୀର ସର୍ବୋଚ୍ଚ ସାରସ୍ୱତ ସମ୍ମାନ ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର ଓ ସାରସ୍ୱତ ସମ୍ବର୍ଦ୍ଧନା ପ୍ରଦାନ ଉତ୍ସବ ଭୁବନେଶ୍ୱରସ୍ଥ ସଂସ୍କୃତି ଭବନ ସମ୍ମିଳନୀ କକ୍ଷଠାରେ ୨୮ ଜୁଲାଇ ୨୦୨୧, ପୂର୍ବାହ୍ନ ୧୧.୦୦ ଘଟିକାରେ ଅନୁଷ୍ଠିତ ହୋଇଯାଇଅଛି । ଓଡ଼ିଆ ସାହିତ୍ୟର ପ୍ରଖ୍ୟାତ ଔପନ୍ୟାସିକ ଶ୍ରୀଯୁକ୍ତ ରାମଚନ୍ଦ୍ର ବେହେରାଙ୍କୁ ତାଙ୍କର ଜୀବନବ୍ୟାପୀ ସାରସ୍ୱତ ସାଧନା ନିମନ୍ତେ ସମ୍ମାନଜନକ ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର ପ୍ରଦାନ କରାଯାଇଥିଲା । ଏତଦ୍‌ବ୍ୟତୀତ ୧୫ ଜଣ ବୟୋଜ୍ୟେଷ୍ଠ ସାରସ୍ୱତ ସାଧକ/ ସାଧିକା ଯଥା – ରାସେଶ୍ୱରୀ ମିଶ୍ର, ମହେଶ୍ୱର ମୂଳିଆ, ଜୀବନକୃଷ୍ଣ ମହାପାତ୍ର , ନିର୍ମଳପ୍ରଭା ନାୟକ, ରାଧାବିନୋଦ ନାୟକ, କୃପାସିନ୍ଧୁ ନାୟକ, ସ୍ୱରାଜ୍ୟଲକ୍ଷ୍ମୀ ମିଶ୍ର, ବାଇଧର ସାହୁ, ଦିଗରାଜ ବ୍ରହ୍ମା, ବାବାଜୀ ଚରଣ ପଟନାୟକ, ଗିରିଜା ଶଂକର ଶର୍ମା, ସୌଭାଗିନୀ ମିଶ୍ର, ଦେବେନ୍ଦ୍ର କୁମାର ଦାଶ, ଅଶୋକ କୁମାର ପଟନାୟକ, ରୁଦ୍ରନାରାୟଣ ପୃଷ୍ଟିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର ପ୍ରାପ୍ତ ସାରସ୍ୱତ ସ୍ରଷ୍ଟାଙ୍କୁ ୫ ଲକ୍ଷ ଟଙ୍କା ମାନରାଶି ଏବଂ ୧୫ ଜଣ ସାରସ୍ୱତ ସମ୍ବର୍ଦ୍ଧିତ ପ୍ରତିଭାଙ୍କୁ ୧ ଲକ୍ଷ ଟଙ୍କା ଲେଖାଏଁ ମାନରାଶି ସହିତ ତାମ୍ରଫଳକ ଏବଂ ଅଙ୍ଗବସ୍ତ୍ର ପ୍ରଦାନ ପୂର୍ବକ ବିଭାଗୀୟ ମନ୍ତ୍ରୀ ଶ୍ରୀଯୁକ୍ତ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ସମ୍ମାନିତ କରିଥିଲେ । ବୟସାଧିକ କାରଣରୁ ଶ୍ରୀମତୀ ନିର୍ମଳପ୍ରଭା ନାୟକ ଉତ୍ସବରେ ଉପସ୍ଥିତ ହୋଇପାରି ନଥିବାରୁ ତାଙ୍କୁ ପରେ ସମ୍ବର୍ଦ୍ଧିତ କରାଯିବ । ଉକ୍ତ ସାରସ୍ୱତ କାର୍ଯ୍ୟକ୍ରମରେ ଶ୍ରୀଯୁକ୍ତ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ମାନ୍ୟବର ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ,ଓଡ଼ିଶା ଉଦ୍‌ଘାଟକ, ଶ୍ରୀଯୁକ୍ତ ସୁରେଶ ଚନ୍ଦ୍ର ଦଳାଇ, କମିଶନର ତଥା ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ବିଶିଷ୍ଟ ଅତିଥି, ଶ୍ରୀଯୁକ୍ତ ରଞ୍ଜନ କୁମାର ଦାସ, ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ସମ୍ମାନନୀୟ ଅତିଥି ଭାବେ ଯୋଗଦାନ କରିଥିଲେ । ଏଥିରେ ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଡକ୍ଟର ହୃଷୀକେଶ ମଲ୍ଲିକ ପୌରୋହିତ୍ୟ କରିଥିବାବେଳେ ଉପସଭାପତି ଡକ୍ଟର ସଂଗ୍ରାମ ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ଏକାଡେମୀର ସ୍ଥପ୍ତ, ଶ୍ରୀଯୁକ୍ତ ପ୍ରବୋଧ କୁମାର ରାଉତ ପ୍ରାରମ୍ଭରେ ସମ୍ପାଦକୀୟ ବକ୍ତବ୍ୟ ଉପସ୍ଥାପନ କରିବା ସହ ଅତିବଡ଼ୀ ସମ୍ମାନ ଓ ସମ୍ବର୍ଦ୍ଧିତ ପ୍ରତିଭାଧର ତଥା ମଞ୍ଚାସୀନ ବରେଣ୍ୟ ଅତିଥିଙ୍କୁ ସ୍ୱାଗତ କରିଥିଲେ । ସୁଲେଖିକା ଶ୍ରୀମତୀ ସ୍ନେହଲତା ପୃଷ୍ଟି ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ ।








# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ



୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ। କନ୍ତୁ ସଲୁଙ୍କ କ୍ରେଜ୍ ଏବେବି କମିନି। ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟ ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ। ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍। 'ବିବି ହୋ ଐସି'ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି। ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କବେଲ୍ ଷ୍ଟାର। ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ। କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍। ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି। ଚଳିତ ବର୍ଷ ଫ୍ୟାନଙ୍କୁ 'ବଜରଙ୍ଗୀ ଭାଇଜାନ୍' ଓ 'ପ୍ରେମରତନ ଧନ ପାୟୋ' ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା।

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ



ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି।

## ପୁରାଣ କାହାଣୀ

# ବିଶ୍ୱ ନିର୍ମାଣର ସ୍ରଷ୍ଟା 'ବିଶ୍ୱକର୍ମା'

ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କଡ଼୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୁତ ହୋଇଥିବାରୁ ସେହିଦନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିନ୍ଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନିୟନ୍ତା, ବାୟରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା ।



ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ପର୍ଶରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୂଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉଡ଼ାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୂଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତୁଲ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୂମଧାମରେ ପାଳନ କରାଯାଏ ।

# ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ। ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି। ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି। ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ। ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ



ଏଠାରେ ପୋଷା ଯାଇସାରିଲାଣି। ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ। ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ। ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି। ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି। ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି। ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ। ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ଲୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜୋଲିସ୍‌ରେ ବାସ କରନ୍ତି। ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି।

## ଫଟୋସପ୍‌ର କମାଲ୍

ଥିଓଡର। ତା'ବୟସ ମାତ୍ର ୧୦ ମାସ। ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ। କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ। ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଭଳି ଖେଳିପାରେ। ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍। ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ। ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ। ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି।

## କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ହାନିକାରକ



ଆପଣଙ୍କ ଶରୀର ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇପାରେ। ନିକଟରେ କରାଯାଇଥିବା ଏକ ଗବେଷଣାରୁ ଜଣାଯାଇଛି କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ଓ ଲୁଣ ପ୍ରତିକ୍ରିୟା କରି ଏଭଳି ଏକ ହାନିକାରକ ରସାୟନ ନିର୍ମାଣ କରୁଛନ୍ତି, ଯାହା ଆପଣଙ୍କୁ ଡାକ୍ତରଖାନାରେ ପହଞ୍ଚାଇଦେବ। ଗବେଷକମାନେ ଅନେକ ଅଣୁମାନଙ୍କର ସନ୍ଧାନ କରିଛନ୍ତି, ଯାହା ସମ୍ପୂର୍ଣ୍ଣ ନୂଆ ଓ କ୍ଲୋରାମିନ୍ ଯୁକ୍ତ ପାଣି ଓ ଖାଦ୍ୟରେ ଥିବା ଆୟୋଡ଼ିନ୍ ଯୁକ୍ତ ଲୁଣ ମଧ୍ୟରେ ପ୍ରତିକ୍ରିୟାରୁ ସୃଷ୍ଟି ହୋଇଛନ୍ତି। ପାଣିକୁ ସ୍ୱଚ୍ଛ କରିବା ପାଇଁ ସେଥିରେ କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍ସର ଅଣୁ ମିଶାଯାଇଥାଏ। ଗବେଷକଙ୍କ ମତରେ ପାଇପ୍ ପାଣିରେ ଉପସ୍ଥିତ ଥିବା କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍ସ ଆୟୋଡ଼ିନ୍ ଲୁଣ ସହ ପ୍ରତିକ୍ରିୟା କରି ହାଇପୋଆୟୋଡ଼ସ୍ ଏସିଡ଼ ନିର୍ମାଣ କରିଥାଏ। ଯାହା ସାଧାରଣତଃ ହାନିକାରକ ନୁହେଁ। କିନ୍ତୁ ଯେତେବେଳେ ଏସିଡ଼ ଖାଦ୍ୟ ରାନ୍ଧିବା ସମୟରେ ପାଇପ୍ ପାଣିରେ ଉପସ୍ଥିତ ଅଣୁ ଓ ଅନ୍ୟ କାର୍ବନିକ୍ ପଦାର୍ଥ ସହିତ ପ୍ରତିକ୍ରିୟା କରିଥାଏ। ସେତେବେଳେ ସେଥିରେ ହାନିକାରକ ଆୟୋଡ଼ିନ୍ ଯୁକ୍ତ ଜୀବାଣୁ ନାଶକ ତିଆରି ହୋଇଥାଏ। ହଂକଂ ୟୁନିଭରସିଟିର ସହାୟକ

## ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହିଁକି ବାଦ ପଡ଼ିବ। ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି। ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି। ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ। ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ। ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୁଚନା ଦେଇଥାଏ। ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ।

## ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ। ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ। ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ। ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥ୍‌ରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ। ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ। ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ। ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି। ଠିକ୍ ସେହିଭଳି ଏହା ନିଶ୍ୱାସ




ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ। ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ। ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି।

## ଆଜିର ଭାଗ୍ୟ


ମେଷ
ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟାର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।


ବୃଷ
ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।


ମିଥୁନ
ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।


କର୍କଟ
ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।


ସିଂହ
ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୱ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।


କନ୍ୟା
ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।


ତୁଳା
ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।


ବିଛା
ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।


ଧନୁ
ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।


ମକର
କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।


କୁମ୍ଭ
ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।


ମୀନ
ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# କରୋନା ସଂକ୍ରମଣ ରୋକିବା ଲାଗି ବାୟୋମେଡିକାଲ୍ ବର୍ଜ୍ୟବସ୍ତୁର ପରିଚାଳନା ଉପରେ ଜାତିସଂଘର ସଂସ୍ଥା "ୟୁନିଡୋ'ର ଗୁରୁତ୍ୱ

ଭୁବନେଶ୍ୱର: କରୋନା ସଂକ୍ରମଣକୁ ରୋକିବାକୁ ହେଲେ ବାୟୋ ମେଡିକାଲ୍ ବର୍ଜ୍ୟବସ୍ତୁର ସଠିକ୍ ପରିଚାଳନା କରିବା ଜରୁରୀ। ଏହା ଉପରେ ଗମ୍ଭୀରତାର ସହ ବିଚାର କରି ଗୁରୁତ୍ୱ ଦେବାକୁ ପଡ଼ିବ ବୋଲି ୟୁନାଇଟେଡ୍ ନେସନ୍ସ ଇଣ୍ଡଷ୍ଟ୍ରିଆଲ୍ ଡେଭେଲପ୍‌ମେଂଟ୍ ଅର୍ଗାନାଇଜେସନ୍ (ୟୁନିଡୋ)ର ପ୍ରତିନିଧି ଡକ୍ଟର ରେନେ ଭାନ୍ ବର୍କେଲ୍ କହିଛନ୍ତି। ଅଣ ଲାଭଦାୟକ ସଂସ୍ଥା କମ୍ୟୁନେଟି ପକ୍ଷରୁ ରମୈୟାହ ମେଡିକାଲ୍ କଲେଜ ଓ ୟୁନିଡୋ ଭାରତ ସହଯୋଗରେ ଆୟୋଜନ କରାଯାଇଥିବା ଏକ ୱେବିନାରରେ ଅଂଶଗ୍ରହଣ କରି ସେ କହିଛନ୍ତି ଯେ ପୂର୍ବାପେକ୍ଷା ଆମକୁ ବାୟୋ ମେଡିକାଲ୍‌ର ବର୍ଜ୍ୟ ପରିଚାଳନା ଉପରେ ଅଧିକ ଗୁରୁତ୍ୱ ଦେବାକୁ ପଡ଼ିବ। ଏହା ଦ୍ୱାରା ହିଁ କରୋନା ସଂକ୍ରମଣକୁ ରୋକାଯାଇପରିବ। ଭାରତର ପାଂଚଟି ରାଜ୍ୟ କର୍ଣ୍ଣାଟକ, ପଂଜାବ, ଓଡ଼ିଶା, ମହାରାଷ୍ଟ୍ର ଓ ଗୁଜରାଟର ୧୬୦ରୁ ଅଧିକ ହସ୍ପିଟାଲ୍‌ରେ ମେଡିକାଲ୍ ବର୍ଜ୍ୟର ପରିଚାଳନା କରିବା ଲାଗି ପରିବେଶ ମିତବ୍ୟୟୀ ପଦ୍ଧତି ଓ ବ୍ୟବସ୍ଥା ବିକଶିତ କରିବା ଏବଂ କାର୍ଯ୍ୟକାରୀ କରିବା ଉପରେ ୟୁନିଡୋ କାର୍ଯ୍ୟ କରୁଛି। କୋଭିଡ୍-୧୯ ସଂକ୍ରମଣ ପରଠାରୁ ଏହି ପଦକ୍ଷେପ ଗ୍ରହଣ କରାଯିବା ଯୋଗୁଁ କୋଭିଡ୍-୧୯ ସଂକ୍ରମଣକୁ ସମ୍ପୂର୍ଣ୍ଣ ରୋକାଯାଇପାରିଛି। ପରାମର୍ଶ ଭିତିକ ଭିଡିଓ, ପେସାଦାର ତାଲିମ, ବିକାଶ ଏବଂ ସ୍ୱତନ୍ତ୍ର କୋଭିଡ୍-୧୯ ଭିତିକ ନିୟମ ପ୍ରଣୟନ, ବର୍ଜ୍ୟବସ୍ତୁ ପରିଚାଳନା କରୁଥିବା ଯୋଗାଣକାରୀଙ୍କୁ ଚିହ୍ନଟ ଓ ପ୍ରସାର ଆଦି ଜରିଆରେ ବର୍ଜ୍ୟବସ୍ତୁକୁ ନିୟନ୍ତ୍ରଣରେ ରଖାଯାଇଥିବା ବେଳେ ତାହାର ପୃଥକୀକରଣ କରିବା ପାଇଁ ବିବିଧ ବ୍ୟବସ୍ଥା ଗ୍ରହଣ କରାଯାଇଛି। ବାରାଣାସୀର ସ୍ୱଚ୍ଛତା କର୍ମୀ ତେମସୁତୁଲା ଇମସଙ୍ଗ ଏହି ୱେବିନାରରେ ଅଂଶଗ୍ରହଣ କରି ଗୋଷ୍ଠୀ ସହଯୋଗିତା ଜରିଆରେ ବାରାଣାସୀ ଘାଟର ସଫେଇ ଅନୁଭୂତି ବର୍ଣ୍ଣନା କରିଥିଲେ। ଜୈବ ମେଡିକାଲ୍ ବର୍ଜ୍ୟ ପରିଚାଳନାରେ ହସ୍ପିଟାଲ୍‌ଗୁଡ଼ିକ କିଭଳି ପ୍ରମୁଖ ଭୂମିକା ଗ୍ରହଣ କରିପାରିବେ ତାହା ସେ ଜଣାଇଥିଲେ। ଏହି ୱେବିନାରରେ ରାଜ୍ୟ ପଦୂଷଣ ନିୟନ୍ତ୍ରଣ ବୋର୍ଡଗୁଡ଼ିକର ପ୍ରତିନିଧି ଅଂଶଗ୍ରହଣ କରି ନିଜ ଅନୁଭୂତି ବର୍ଣ୍ଣନା କରିଥିଲେ।

# ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟରେ ନୂଆ ଉଦାହରଣ ସୃଷ୍ଟି କରାଯାଇଛି

ଭୁବନେଶ୍ୱର: ନିର୍ମାଣ ଯନ୍ତ୍ରାଂଶ, ହେଭି ଯନ୍ତ୍ରାଂଶ କ୍ଷେତ୍ରରେ ବିଭିନ୍ନ ଉତ୍ପାଦ ଉପଲବ୍ଧ କରାଉଥିବା ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟ ସମୟରେ ଏକ ନୂଆ ଉଦାହରଣ ସୃଷ୍ଟି କରାଯାଇଛି। କମ୍ପାନୀ ପକ୍ଷରୁ ଏହାର ସମସ୍ତ ୩୫ ଡିଲରଙ୍କୁ ସାମ୍ପ୍ରତିକ ଆହ୍ୱାନମୂଳକ ସମୟରେ ବହୁବିଧ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଇଛି। କ୍ରେଡ଼ିଟ୍ ସମୟସୀମାକୁ କମ୍ପାନୀ ପକ୍ଷରୁ ବର୍ଦ୍ଧିତ କରାଯାଇଛି। ଏହି ସୁବିଧା ସମସ୍ତ ନିର୍ମାଣ ଯନ୍ତ୍ରାଶଂ ଏବଂ ସ୍ପେୟାର ପାର୍ଟସ୍ ପାଇଁ ଉପଲବ୍ଧ ହେଉଛି। ସେହିପରି ଗ୍ରାହକଙ୍କ ୱାରେଟିଂ ସମୟକୁ ମଧ୍ୟ ବଢ଼ାଇ ଦିଆଯାଇଛି। କମ୍ପାନୀରେ କାର୍ଯ୍ୟ କରୁଥିବା ୧୧୦୦ରୁ ଅଧିକ କର୍ମଚାରୀଙ୍କୁ ଦରମା ସହାୟତା ମଧ୍ୟ ଯୋଗାଇ ଦିଆଯାଇଛି। ଭାରତ ଏବଂ ଦକ୍ଷିଣ ଏସିଆରେ ଥିବା ଏହାର ପେ ରୋଲ୍ କର୍ମଚାରୀଙ୍କ ପାଇଁ ଏହି ସୁବିଧା ଲାଗୁ ହୋଇଛି। ଡିଲରଙ୍କୁ ଯୋଗାଇ ଦିଆଯାଇଥିବା ସହାୟତା ଯୋଗୁ ୩ ପ୍ରକାର ଲାଭ ମିଳି ପାରିଛି। ଡିଲରମାନେ ସେମାନଙ୍କର ମାନବସମ୍ବଳର ଉପଯୋଗ କରିପାରିଛନ୍ତି। ସେହିପରି ବ୍ୟବସାୟିକ ଧାରାକୁ ବଜାୟ ରଖିବା ସହିତ ବଜାର ଖୋଲିବା ପରେ ପୁଣି ସୁବିଧାରେ କାରବାର ଆରମ୍ଭ କରିପାରିଛନ୍ତି। ଏହି ଯୋଜନାବଦ୍ଧ ରଣନୀତି ଦ୍ୱାରା କମ୍ପାନୀ ୨୦୧୯ ତୁଳନାରେ ଲକ୍‌ଡାଉନ୍ ହଟିବା ପରେ ଗତ ୨ମାସ ଅଗଷ୍ଟ ଏବଂ ସେପ୍ଟେମ୍ବର ମଧ୍ୟରେ ବ୍ୟବସାୟ ବୃଦ୍ଧିରେ ଅଗ୍ରଗତି କରିପାରିଛି। କମ୍ପାନୀର ଏକ୍ସାଭେଟର ମାର୍କେଟ ଶେୟାର ୧୪.୫ ପ୍ରତିଶତରେ ପହଂଚିଛି। ଏହାର ଅଭିବୃଦ୍ଧି ହାର ୧୫ ପ୍ରତିଶତ ରହିଛି। ସେହିପରି କ୍ରାୱଲ କ୍ରେନ୍‌ର ମାର୍କେଟ ଶେୟାର ୪୫ ପ୍ରତିଶତ ଥିବାବେଳେ ଏହାର ଅଭିବୃଦ୍ଧି ହାର ୮୦ ପ୍ରତିଶତ ରହିଛି। ଟ୍ରକ୍ କେନ୍‌ର ମାର୍କେଟ ଶେୟାର ୭୦ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୧୦ ପ୍ରତିଶତ ଛୁଇଁଛି। ପିଲିଂ ରିଙ୍ଗ୍‌ର ମାର୍କେଟଶେୟାର ୭୫ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୨୪ ପ୍ରତିଶତ

ରହିଛି। ମୋଟୋର ଗ୍ରେଡ୍‌ର ମାର୍କେଟ ଶେୟାର ୧୧ ପ୍ରତିଶତ ଥିବାବେଳେ ଏହା ଅଭିବୃଦ୍ଧି ହାର ୧୦ ପ୍ରତିଶତ ରହିଛି। ସାନୀ ଇଣ୍ଡିଆ ଡିଲରମାନଙ୍କୁ ସବୁବେଳେ ଏହାର କାରବାର ବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବେ ବିବେଚନା କରିଥାଏ। କମ୍ପାନୀର ପଦକ୍ଷେପ ଯୋଗୁ ଡିଲରମାନଙ୍କୁ ଆବଶ୍ୟକ ଆର୍ଥିକ ସହାୟତା ମିଳିପାରିଛି। ଏହି ଅବସରରେ ସାନୀ ଗ୍ରୁପ୍‌ର ଭାରତ ତଥା ଦକ୍ଷିଣ ଏସିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦୀପକ ଗର୍ଗ କହିଲେ, " ଆମେ ଆର୍ଥିକ ସହାୟତାକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରିପାରିଛୁ। ଏହାଦ୍ୱାରା ଡିଲରମାନେ ବିଶେଷ ଉପକୃତ ହୋଇପାରିଛନ୍ତି। ମହାମାରୀ ସଙ୍କଟ ସମୟରେ ସହାୟତା ଯୋଗୁ ଡିଲରମାନେ ସେମାନଙ୍କ କାରବାରକୁ ବନ୍ଦ ନ କରି ଜାରି ରଖିପାରିଛନ୍ତି। କୋଭିଡ୍ ସଙ୍କଟ ଆମମାନଙ୍କୁ ଅସୁବିଧା ସମୟରେ କିଭଳି ସହାୟତା ଦ୍ୱାରା କାରବାର ବୃଦ୍ଧି କରାଯାଇ ପାରିବ ତାହାର ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇଛି। ମହାମାରୀ ସଙ୍କଟ ସମୟରେ ପୃଥିବୀର ବହୁ କମ୍ପାନୀ ସେମାନଙ୍କର କର୍ମଚାରୀଙ୍କୁ ଛଟେଇ କରିବା ଆରମ୍ଭ କରିଥିଲେ। ଏପରିସ୍ଥଳେ ସାନୀ ଇଣ୍ଡିଆ ପଦୋନ୍ନତି ଏବଂ ଦରମା ବୃଦ୍ଧି କରିଥିଲା। କମ୍ପାନୀର ଏଭଳି ଦୂର ଦୃଷ୍ଟି ସମ୍ପନ୍ନ ଆର୍ଥିକ ନୀତିର ସକାରାତ୍ମକ ପ୍ରଭାବ ଏହାର ଆର୍ ଆଣ୍ଡ୍ ଡି ଉପରେ ଅନୁଭୁତ ହୋଇଛି। ଲକ୍‌ଡାଉନ୍ ସମୟରେ ଗ୍ରାହକ ଏବଂ ଫାଇନାନ୍ସର,ମଲ୍ଟିପୁଲ ଟ୍ରେନିଂ ଏବଂ ଡେଭଲପମେଂଟ୍ କାର୍ଯ୍ୟ ଆଦି ସମ୍ପନ୍ନ ହୋଇପାରିଛି।

# ଚଳିତ ବର୍ଷ ଅନ୍‌ଲାଇନ୍‌ରେ ହେବ ଏସ୍.ଓ.ଏଫ୍ ଅଲମ୍ପିଆଡ୍ ପରିକ୍ଷା

ରାଉରକେଲା, : ଆନ୍ତର୍ଜାତିୟସ୍ତରରେ ଛାତ୍ରଛାତ୍ରୀମାନଙ୍କ ପାଇଁ ଅଲମ୍ପିଆଡ୍ ପରିକ୍ଷା କରାଉଥିବା 'ସାଇନ୍ସ ଅଲମ୍ପିଆଡ୍ ଫାଉଁଡେସନ୍' ପକ୍ଷରୁ ଚଳିତ ଏକାଡେମିକ୍ ଇୟର ପାଇଁ ଅନ୍‌ଲାଇନ୍ ପରିକ୍ଷାର ଘୋଷଣା କରାଯାଇଛି, ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇ ଫାଉଣ୍ଡେସନ୍ ପକ୍ଷରୁ ଏହିପରି ପଦକ୍ଷପ ନିଆଯାଇଛି ଯାହାଦ୍ୱାରା ସମସ୍ତ ଛାତ୍ରଛାତ୍ରୀ ନିଜ ଘରେ ବସି ପରିକ୍ଷା ଦେଇପାରିବେ । ବିଦ୍ୟାର୍ଥିମାନଙ୍କ ଜ୍ଞାନକୌଷଳକୁ ଆନ୍ତର୍ଜାତିୟ, ଜାତିୟ ତଥା ରାଜ୍ୟସ୍ତରରେ ସମ୍ମାନୀତ କରିବା ପାଇଁ ଏସ୍.ଓ.ଏଫ୍ ସବୁବେଳେ ଚେଷ୍ଟାକରିଆସିଛି । ପ୍ରତିବର୍ଷ ପାଖାପାଖି ୧୦ ଲକ୍ଷରୁ ଉର୍ଦ୍ଧ ଛାତ୍ରଛାତ୍ରୀ ଏହି ପରିକ୍ଷାରେ ଭାଗନେଇଥାନ୍ତି । ଗତବର୍ଷ କଟକରୁ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପାଖାପାଖି ୧୯,୦୦୦ ଛାତ୍ରଛାତ୍ରୀ ଏଥିରେ ଅଶଂଗ୍ରହଣ କରିଥିଲେ । ଚଳିତ ବର୍ଷ ଏସ୍.ଓ.ଏଫ୍ ପକ୍ଷରୁ ମାତ୍ର ୪ଟି ଅଲମ୍ପିଆଡ୍ ପରିକ୍ଷାର ଆୟୋଜନ କରାଯାଇଛି, ଏସ୍.ଓ.ଏଫ୍ ଆନ୍ତର୍ଜାତିୟ ସାଧାରଣଜ୍ଞାନ ଅଲମ୍ପିଆଡ୍, ଏସ୍.ଓ.ଏଫ୍ ଆନ୍ତର୍ଜାତିୟ ଇଂରାଜୀ ଅଲମ୍ପିଆଡ୍, ଏସ୍.ଓ.ଏଫ୍ ଆନ୍ତର୍ଜାତିୟ ଜାତୀୟ ବିଜ୍ଞାନ ଅଲମ୍ପିଆଡ୍ ଏବଂ ଏସ୍.ଓ.ଏଫ୍ ଆନ୍ତର୍ଜାତିୟ ଗଣିତ ଅଲମ୍ପିଆଡ୍ । ଏହି ପରିପେକ୍ଷିରେ ସାଇନ୍ସ ଅଲମ୍ପିଆଡ୍ ଫାଉଁଡେସନ୍‌ର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ଶ୍ରୀଯୁକ୍ତ ମହାବିର୍ ସିଂ କହିଛନ୍ତି, "ଗତବର୍ଷ ଏହି ପରିକ୍ଷା ଅଫ୍‌ଲାଇନ୍ ହୋଇଥିଲା ଏବଂ ଏହି ପ୍ରତିଯୋଗିତାରେ ୩୨ଟି ଦେଶରୁ ପାଖାପାଖି ୫୬,୦୦୦ ବିଦ୍ୟାଳୟର ଲକ୍ଷାଧିକ ଛାତ୍ରଛାତ୍ରୀ ଭାଗନେଇଥଲେ କିନ୍ତୁ ଚଳିତ ବର୍ଷ ଆମେ ସମସ୍ତ ପରିକ୍ଷା ଅନ୍‌ଲାଇନ୍‌କରିବାର ଯୋଜନା କରିଛୁ । ପରିକ୍ଷାକୁ ସଠିକ୍ ଭାବରେ ପରିଚାଳିତ କରିବା ପାଇଁ ଆର୍ଟିଫିସିଆଲ୍ ଇଞ୍ଜଲିଜେନ୍ସି, ରିମୋଟ୍ ପ୍ରୋକ୍ଟରିଂ, ଭିଡିଓ ରେକର୍ଡିଂ ତଥା ଅନ୍ୟାନ ସୁବିଧା କରାଯାଇଛି ।"

# ନିଶାନ୍ ଇଣ୍ଡିଆ ପକ୍ଷରୁ ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ବି-ଏସ୍‌ୟୁଭି ଉନ୍ମୋଚିତ

ଭୁବନେଶ୍ୱର: 'ମେକ୍ ଇନ୍ ଇଣ୍ଡିଆ, ମେକ୍ ଫର୍ ୱାର୍ଲ୍ଡ' ଦର୍ଶନ ଉପରେ ନିର୍ମିତ ନିଶାନ ଇଣ୍ଡିଆ ଏହାର ବହୁ ପ୍ରତିକ୍ଷୀତ ବି-ଏସ୍‌ୟୁଭି ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍‌କୁ ଉନ୍ମୋଚନ କରିଛି। ନିଶାନ୍-ନେସ୍ କନ୍‌ସେପ୍ଟର ଏକ ବାସ୍ତବ ପ୍ରତିଫଳନ ନୂଆ ନିଶାନ୍ ମାଗ୍ନାଇଟ୍‌କୁ ଏକ ଭର୍ଚୁଆଲ ଇଭେଂଟ୍ ଜରିଆରେ ସମଗ୍ର ବିଶ୍ୱର ଦର୍ଶକଙ୍କ ପାଇଁ ଉନ୍ମୋଚିତ କରାଯାଇଥିଲା। ଏସମ୍ପର୍କରେ ନିଶାନ ମୋଟର ଇଣ୍ଡିଆର ଅଧ୍ୟକ୍ଷ, ସିନାନ୍ ଓଜ୍‌କୋକ୍ କହିଛନ୍ତିଯେ, "ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ଆମର ନିଶାନ୍ ନେକ୍ସଟ୍ ରଣନୀତି କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି ଏବଂ ଏକ ଗ୍ରାହକ କୈନ୍ଦ୍ରିକ ସଂସ୍ଥା ଭାବେ ଭାରତୀୟ ବଜାର ପାଇଁ ନିଶାନ୍‌ର ଅବିସ୍ମରଣୀୟ ପ୍ରତିଶ୍ରୁତିର ପ୍ରତିନିଧିତ୍ୱ କରୁଛି। ଏହି କାର୍ ସମୃଦ୍ଧ ଅଭିଜ୍ଞତା ପାଇଁ ଆକର୍ଷଣୀୟ ଉତ୍ପାଦ ଡେଲିଭର କରିବା ଲାଗି ଆମେ କରୁଥିବା ସବୁକିଛିର କେନ୍ଦ୍ରରେ ଗ୍ରାହକଙ୍କୁ ରଖିବା ନେଇ ଆମର ବ୍ରାଣ୍ଡ ଫିଲୋସୋଫିକୁ ଦୋହରାଉଛି।" ଅଲ୍-ନ୍ୟୁ ନିଶାନ ମାଗ୍ନାଇଟ୍ ହେଉଛି ନିରନ୍ତର ଉଦ୍ଭାବନ, ଅତ୍ୟାଧୁନିକ ଟେକ୍ନୋଲୋଜି ଓ ଜାପାନିଜ୍ ଇଞ୍ଜିନିୟରିଙ୍ଗ୍‌ର ନିଶାନର ଗ୍ଲୋବାଲ ଏସ୍‌ୟୁଭି ଡିଏନ୍‌ଏର ଏକ ପ୍ରମାଣ। ଏଥିରେ ନିଶାନ୍ ଇଂଟେଲିଜେଂଟ୍ ମୋବିଲିଟି (ଏନ୍‌ଆଇଏମ୍) ର ଅଂଶ ଭାବେ ନୂତନ ଟେକ୍ନୋଲୋଜି ଏବଂ ଯାନଗୁଡିକୁ କିଭଳି ସମାଜ ସହ ପାରିଚାଳିତ, ଡ୍ରାଇଭେନ୍ ଓ ଇଂଟିଗ୍ରେଟେଡ୍ କରାଯିବ ତାହାକୁ ନେଇ କମ୍ପାନୀର ଆଭିମୁଖ୍ୟ ସାମିଲ ରହିଛି। ଜାପାନରେ ଡିଜାଇନ୍ ହୋଇଥିବା ଓ ଭାରତୀୟ ଗ୍ରାହକଙ୍କ ଆବଶ୍ୟକତା ଓ ଆକାଂକ୍ଷାକୁ ଦୃଷ୍ଟିରେ ରଖି ନିର୍ମିତ ଅଲ୍ ନ୍ୟୁ ନିଶାନ ମାଗ୍ନାଇଟ୍‌ରେ ଏକାଠିକ ଫାର୍ଷ୍ଟ-ଇନ୍-କ୍ଲାସ୍ ଓ ବେଷ୍ଟ-ଇନ୍-ସେଗମେଂଟ୍ ଫିଚର ରହିଛି। ଏହାର ଫାର୍ଷ୍ଟ-ଇନ୍-କ୍ଲାସ୍ ଫ୍ଲେୟାର ଗାର୍‌ନେଟ୍ ରେଡ୍ (ଟିଂଟ୍ କୋଟ୍) କଲର୍ ଗଭୀରତା ଓ ଉନ୍ନତ ଗୁଣବତା ସହ ପ୍ରିମିୟମନେସ୍‌କୁ ପ୍ରତିଫଳନ କରୁଛି। ଏହା ୯ଟି ବଡି କଲର୍‌ଏ ୫ଟି ମୋନୋଟୋନ୍ ଓ ୪ଟି ଡୁଆଲ ଟୋନ୍ କଲର୍‌ରେ ଉପଲବ୍ଧ ହେଉଛି। ଏହି କାର୍‌ରେ ସବୁଠାରୁ ପତଳା ହେଡ୍‌ଲ୍ୟାମ୍ପ, ହାଲୁକା ସେପର-ଷ୍ଟାଇଲ୍ ଟର୍ଣ୍ଣ ଇଣ୍ଡିକେଟର, ଏଲ୍- ସେପ୍ ଏଲଇଡି ଡେଟାଇମ୍ ରନିଙ୍ଗ ଲାଇଟ୍‌ସ (ଡିଆର୍‌ଏଲ୍) ଓ ଡୋମିନେଟିଙ୍ଗ୍ ଫ୍ରଂଟ୍ ଗ୍ରିଲ୍ ରହିଛି। ଏଥିରେ ବ୍ୟାପକ ଶୃଙ୍ଖଳାର ଆକ୍‌ସେସରିଜ୍, ଏକ ୱାୟାରଲେସ୍ ଚାର୍ଜର୍, ଏୟାର ପ୍ୟୁରିଫାୟାର, ପଡଲ୍ ଲ୍ୟାମ୍ପ ଓ ଆମ୍ବିଏଂଟ୍ ମୁଡ୍ ଲାଇଟିଙ୍ଗ ଥିବା ଟେକ୍ ପାକ୍ ରହିଛି। ଏହାର ହରାଇଜୋଂଟାଲ ଇନ୍‌ଷ୍ଟ୍ରୁମେଂଟ୍ ପ୍ୟାନେଲ ଷ୍ଟ୍ରକ୍‌ଚର ଡବଲ ଡେକ୍ କନ୍‌ସୋଲ ଏହି କାର୍‌କୁ ଅଧିକ ଚଉଡା କରୁଛି।

# ଅଣ୍ଡରାରେ ମା' ରମାଦେବୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଓ ନାଗରିକ ସମ୍ବର୍ଦ୍ଧନା ସଭା



କେନ୍ଦ୍ରାପଡ଼ା : ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ, ସର୍ବୋଦୟ ନେତ୍ରୀ ମା' ରମାଦେବୀ ଓ ଉଷାଦେବୀ ମହିଳା ମହାବିଦ୍ୟାଳୟର ମୁଖ୍ୟ ପୃଷ୍ଠପୋଷକ ଉଷାଦେବୀଙ୍କ ଆବକ୍ଷ ପ୍ରତିମୂର୍ତ୍ତି ଅଣ୍ଡରା ଉଷାଦେବୀ ମହିଳା ମହାବିଦ୍ୟାଳୟ ପରିସରରେ ବୁଧବାର ଉନ୍ମୋଚିତ ହୋଇଯାଇଛି। ପ୍ରାକ୍ତନ ଅର୍ଥମନ୍ତ୍ରୀ ତଥା କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା ଓ ବରି ବିଧାୟିକା ସୁନନ୍ଦା ଦାସ ଅତିଥି ଭାବେ ଯୋଗଦେଇ ମା' ରମାଦେବୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଉପସ୍ଥିତ ମହିଳା ମହାବିଦ୍ୟାଳୟର ଅଧ୍ୟାପିକା ଓ ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ସମାଜସେବୀ ଡଃ. ଗଦାଧର ମଲ୍ଲିକଙ୍କ ପୌରହିତ୍ୟରେ ଓ ସାମ୍ବାଦିକ ଚିତ୍ତ ରଞ୍ଜନ ମଲ୍ଲିକଙ୍କ ସଂଯୋଜନାରେ ନାଗରିକ ସମ୍ବର୍ଦ୍ଧନା ସଭା ଅଗ୍ରଣୀ ଅନୁଷ୍ଠାନ ବ୍ରାହ୍ମଣୀ ସାଂସ୍କୃତିକ ପରିଷଦ ପକ୍ଷରୁ ସମବାୟ ସମିତି କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଶିଷ୍ଟ ସାରସ୍ୱତ ସାଧକ ଇଂ ଜଳଧର ପ୍ରଧାନ, ପ୍ରତିଷ୍ଠାତା ଅଧ୍ୟକ୍ଷା ଡଃ. ଅନୁଜବାଳା ଦାସ, ସକୁନ୍ତଳା ରାଉତଙ୍କୁ ଉତରୀୟ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଉଷାଦେବୀ ମହିଳା ମହାବିଦ୍ୟାଳୟର ପ୍ରତିଷ୍ଠାତା ସଭାପତି ସମାଜସେବୀ ବସନ୍ତ କୁମାର ମଲିକ, ଡଃ. ଚକ୍ରଧର ଦାସ, ଅଶୋକ କୁମାର ମଲ୍ଲିକ,ବିଦାୟୀ ଅଧକ୍ଷା ଦ୍ୱୟଙ୍କ ମହାବିଦ୍ୟାଳୟ ପ୍ରତିଷ୍ଠା ସମୟର ସହଯୋଗ, ତ୍ୟାଗ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ଶିକ୍ଷକ ନେତା (ବରୀ) ବୃନ୍ଦାବନ ସାମଲ, ପ୍ରଫେସର ନିର୍ମଳ ଚନ୍ଦ୍ର ବିଶ୍ୱାଳ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା, ସଲିଳା ବାରିକ, ଶିକ୍ଷାବିତ୍ ଭଜକୃଷ୍ଣ ରାଉତ, ଡଃ. ଭାଗ୍ୟଧର ସାହୁ, ସମାଜସେବୀ ବିଶ୍ୱନାଥ ଧଳ, ପ୍ରଫେସର ବୈଷ୍ଣବ ସିଂ, ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ସମ୍ପାଦକ ଗୋପିନାଥ ତ୍ରିପାଠୀ, ଉଷାଦେବୀ ମହିଳା ମହାବିଦ୍ୟାଳୟର ପୃଷ୍ଠପୋଷକ ଅଜୟ ସାହୁ, ଜିଲ୍ଲା ବିଜେଡି ଶ୍ରମିକ ସେଲ ସଭାପତି ଦୂର୍ଗାଶିଷ ମହାନ୍ତି, କେନ୍ଦ୍ରାପଡା ବ୍ଲକ ବିଜେଡି ସଭାପତି ଆଲୋକ ସାହୁ, ସମାଜସେବୀ ଶମ୍ଭୁନାଥ ସେଠୀ , ରାଜ୍ୟ ଯୁବ ବିଜେଡି ଯୁଗ୍ମ ସମ୍ପାଦକ ରାଜେଶ ପଣ୍ଡା, ଅଣ୍ଡରା ସରପଞ୍ଚ ଅନ୍ନପୂର୍ଣ୍ଣା ମଲ୍ଲିକ, ରାଜ୍ୟ ପ୍ରତିଭା ପୂଜା ସାହିତ୍ୟ ସଂସଦ ସଭାପତି ଗୁନଚରଣ ନାୟକ , ଅଣ୍ଡରା ସମିତିସଭ୍ୟାଙ୍କ ପ୍ରତିନିଧି ନିରଞ୍ଜନ ମଲ୍ଲିକ, ଶ୍ରୀକାନ୍ତ ସାହୁ, ଜିଲ୍ଲା ପରିଷଦ ସଭ୍ୟ ନାରଦ ଚନ୍ଦ୍ର ବିଶ୍ୱାଳ, ପ୍ରାକ୍ତନ ସରପଞ୍ଚ ସଞ୍ଜୟ ମଲ୍ଲିକ, ଅଣ୍ଡରା ସମବାୟ ସମିତି ପ୍ରାକ୍ତନ ସଭାପତି ବୃନ୍ଦାବନ ମଲ୍ଲିକ, ପ୍ରାକ୍ତନ ସମିତି ସଭ୍ୟ ହୃଷିକେଶ ରାଉତ, ସରପଞ୍ଚ ପ୍ରିୟଦର୍ଶିନୀ ତରାଇ, ନିରଞ୍ଜନ ବାରିକ, ଗଗନ ମହାଲିକ, ଶ୍ରୀବସ୍ ସେଠୀ, ପ୍ରିୟରଞ୍ଜନ ଦାସ, ସମିତି ସଭ୍ୟା ମନୋରମା ଭୂୟାଁ ପ୍ରମୁଖ ଆମନ୍ତ୍ରିତ ଅତିଥି ଭାବରେ ଯୋଗ ଦେଇଥିଲେ । ଉଷାଦେବୀ ମହିଳା ମହାବିଦ୍ୟାଳୟରେ ଦୀର୍ଘ ୩୦ବର୍ଷରୁ ଉର୍ଦ୍ଧ୍ୱ ସମୟ ଅଧ୍ୟକ୍ଷା ଦାୟିତ୍ୱ ସୁଚାରୁ ରୂପେ ନିର୍ବାହ କରିଥିବା ବିଦାୟ ଅଧ୍ୟକ୍ଷା ଶ୍ରୀମତୀ ରାଉତଙ୍କ ଉଦ୍ଦେଶ୍ୟରେ "ଶ୍ରଦ୍ଧେୟା ଶକୁନ୍ତଳା" ପତ୍ରିକାକୁ ମୁଖ୍ୟ ଅତିଥି ବିଧାୟକ ଶ୍ରୀ ବେହେରା ଓ ସମ୍ମାନୀତ ଅତିଥି ଶ୍ରୀମତୀ ଦାସ ଉନ୍ମୋଚନ କରିଥିଲେ। ଶେଷରେ ଅମୃତମଣୋହି ସରପଞ୍ଚ କୂଳମଣି ମଳିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅଗ୍ରିକଲଚର ଆଣ୍ଡ୍ କନଷ୍ଟ୍ରକଶନ ଇକ୍ୟୁପମେଂଟସ୍ ନିର୍ମାତାଙ୍କ ପକ୍ଷରୁ ଭାରତରେ ନକଲି କୃଷି ଉପକରଣ ବିକ୍ରି ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଲାଗି ଉଦ୍ୟମ

ଭୁବନେଶ୍ୱର : ଏଫ୍‌ଆଇସିସିଆଇ କ୍ୟାସକେଡ୍ ରିପୋର୍ଟ ଅନୁସାରେ କ୍ୟାପିଟାଲ ଗୁଡସ୍(ମେସେନାରୀ ଆଣ୍ଡ୍ ପାର୍ଟସ୍) ଏବଂ କ୍ୟୁମର(ଇଲୋକ୍ଟ୍ରୋନିକ୍ସ) ଡ୍ୟୁରାବୁଲ୍ସ ସମେତ ୫ଟି ଅଗ୍ରଣୀ ସେକ୍ଟରରେ ଚୋରା କାରବାର ଏବଂ ନକଲି ଉତ୍ପାଦ ବିକ୍ରି ଯୋଗୁ ଭାରତୀୟ ଅର୍ଥନୀତିରେ ୧,୧୭,୨୫୩ କୋଟି ଟଙ୍କାର କ୍ଷତି ହୋଇଛି। ୨୦୨୨ ସୁଦ୍ଧା ବିଶ୍ୱସ୍ତରରେ ଏଭଳି ନକଲି ଉତ୍ପାଦ ବିକ୍ରି କାରବାର ଦୁଇଗୁଣା ହୋଇ ୧୧୯.୭ ଲକ୍ଷ କୋଟିରେ ପହଂଚିବାର ଆଶଙ୍କା ରହିଛି। ନକଲି ଉତ୍ପାଦ ବିକ୍ରି କାରବାର ରୋକିବା ଲାଗି ଗ୍ରାହକଙ୍କୁ ପ୍ରକୃତ ଉତ୍ପାଦ ସମ୍ପର୍କରେ ସଚେତନ କରାଇବା ସହିତ ବଜାରରେ ଏଭଳି ଉତ୍ପାଦର ଚିହ୍ନଟ ଲାଗି ସ୍ୱୀକୃତିପ୍ରାପ୍ତ ସେଲସ୍ ସର୍ଭିସ୍ ଚ୍ୟାନେଲ୍‌ର ସହାୟତା ନେବା ପାଇଁ ସଚେତନତା ସୃଷ୍ଟି କରାଯିବାର ଆବଶ୍ୟକତା ରହିଛି। ଏହାକୁ ଦୃଷ୍ଟିରେ ରଖି ପାୱାର ପ୍ରଡକ୍ଟ କ୍ଷେତ୍ରରେ ଦୀର୍ଘ ୩୫ ବର୍ଷ ଧରି କାରବାର ଜାରି ରଖିଥିବା ହୋଣ୍ଡା ଇଣ୍ଡିଆ ପାୱାର ପ୍ରଡକ୍ଟ ପକ୍ଷରୁ 'ନୋ ୟୋର୍ ହୋଣ୍ଡା' ଅଭିଯାନ ଆରମ୍ଭ କରାଯାଇଛି। ଏହା ଦ୍ୱାରା ଗ୍ରାହକଙ୍କୁ ଆଇପି ସେଲ୍ ମାଧ୍ୟମରେ ଆବଶ୍ୟକ ସହାୟତା ଯୋଗାଇ ଦିଆଯିବା ସହିତ ଅନ୍‌ଲାଇନ୍ ତଥା ଅଫ୍‌ଲାଇନ୍ ସେଲ୍ସ ପ୍ଲାଟଫର୍ମ ଉପରେ ଆଇନ ଉଲ୍ଲଂଘନକାରୀଙ୍କ ପ୍ରତି ତୀକ୍ଷ୍ଣ ନଜର ରଖାଯାଉଛି।ନକଲି ଉତ୍ପାଦ ବିକ୍ରି କାରବାର ସମ୍ପର୍କରେ ଖ୍ୟାତିସମ୍ପନ୍ନ କ୍ୟୁମର ଆର୍କିଭିଷ୍ଟ ପ୍ରଫେସର ବେଜୋନ୍ କୁମାର ମିଶ୍ର କହିଲେ, ବିଶ୍ୱସ୍ତରରେ ନକଲି ଉତ୍ପାଦ ବିକ୍ରି କାରବାର ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା। ଏହାଦ୍ୱାରା ଭାରତ ସମେତ ସମଗ୍ର ବିଶ୍ୱରେ ବିପୁଳ ଆର୍ଥିକ କ୍ଷତି ହେବା ସହିତ ଶିଳ୍ପ କ୍ଷେତ୍ରରେ ନକାରାତ୍ମକ ପ୍ରଭାବ ପଡୁଛି। ଏହାଯୋଗୁ ଭାରତରେ ଆର୍ଥିକ କ୍ଷେତ୍ର, ସ୍ୱାସ୍ଥ୍ୟ କ୍ଷେତ୍ର ଏବଂ ସୁରକ୍ଷା ପ୍ରଭାବିତ ହେବାରେ ଲାଗିଛି। ଗତ ୩ ଦଶନ୍ଧିରୁ ଅଧିକ ବର୍ଷ ଧରି କୃଷି କ୍ଷେତ୍ରଠାରୁ ଆରମ୍ଭ କରି ନିର୍ମାଣ କ୍ଷେତ୍ରରେ ପାୱାର ପ୍ରଡକ୍ଟ କାରବାର ଜାରି ରଖିଥିବା ହୋଣ୍ଡା ନକଲି ଉତ୍ପାଦ ବିକ୍ରି କାରବାର ବିରୋଧରେ ଏବେ ଅଭିଯାନ ଆରମ୍ଭ କରିଛି। ତେଣୁ ଏନେଇ ଆମେ ସରକାରଙ୍କ ସହିତ ମିଳିତ ଭାବେ ଉପଭୋକ୍ତାଙ୍କୁ ସଚେତନ କରାଇବାର ପ୍ରୟାସ ଜାରି ରଖିଛୁ।ଏଫ୍‌ଆଇସିସିଆଇ କ୍ୟାସକେଡ୍ ରିପୋର୍ଟ ଅନୁସାରେ ଚୋରା କାରବାର, ନକଲି ଉତ୍ପାଦ ବିକ୍ରି, ବର୍ଜିତ ବ୍ରାଣ୍ଡ ଏବଂ ପାଇରେଟେଡ୍ ସାମଗ୍ରୀ ବିକ୍ରି କାରବାରରେ ଗତ କିଛି ବର୍ଷ ମଧ୍ୟରେ ବିଶ୍ୱସ୍ତରରେ ୩.୩ ପ୍ରତିଶତ ବୃଦ୍ଧି ଘଟିଛି। ଫଳରେ ଏହାକୁ ରୋକିବା ଲାଗି କ୍ୟୁମର କର୍ମୀ କାର୍ଯ୍ୟ କରିବା ସହିତ ଆଇନ ମଧ୍ୟ ପ୍ରଣୟନ କରାଯାଇଛି। କୋଲକାତା, ଚେନ୍ନାଇ, ମୁମ୍ବାଇ ଏବଂ ଦିଲ୍ଲୀରେ ଏଭଳି କାରବାର ବୃଦ୍ଧି ପାଇବାରେ ଲାଗିଛି। ଫଳରେ ବଜାରରେ ନକଲି ସାମଗ୍ରୀ ବିକ୍ରି ବଢ଼ିବାରେ ଲାଗିଛି। ଭାରତ ସରକାର ନକଲି ଉତ୍ପାଦର ବିକ୍ରି ରୋକିବା ଲାଗି ଆଇପି ଲିଗାଲ ଫ୍ରେମ୍‌ୱାର୍କ ଏବଂ ଏନଫୋର୍ସମେଂଟ୍ ସିଷ୍ଟମ୍ ବିକଶିତ କରିବା ସହିତ ଆଇପି ଆଡମିନିଷ୍ଟ୍ରେଶନ୍‌କୁ ଅତ୍ୟାଧୁନିକ କରିଛନ୍ତି।

# କୋଟାକ ମ୍ୟୁଚୁଆଲ ଫଣ୍ଡ୍ ଶୁଭାରମ୍ଭ କଲା ଡିଜିଟାଲ ପ୍ରଚାର ଅଭିଯାନ

ମୁମ୍ବଇ : "ଲକ୍‌ଡାଉନ ପରବର୍ତ୍ତୀ ସମୟରେ ଆପଣ କ'ଣ କରିବେ ?" ଉପଭୋକ୍ତାଙ୍କର ଏହି ମାନସିକତା ପ୍ରତି ଦୃଷ୍ଟିଦେଇ କୋଟାକ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଛକ୍ଷପ୍; କମ୍ପାନୀ (କୋଟାକ ମ୍ୟୁଚୁଆଲ ଫଣ୍ଡ) ତାହାର ଡିଜିଟାଲ ପ୍ରଚାରର ଅଭିଯାନ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା'(ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି- ଯାହାର ଅର୍ଥ ସ୍ୱପ୍ନରେ କଦାପି ଲକ୍‌ଡାଉନ ହୋଇପାରିବ ନାହିଁ। କୋଟାକ ମହିନ୍ଦ୍ରାର 'ଲେଟ୍‌ସ ପ୍ଲାନ' ଶିକ୍ଷାଭିତ୍ତିକ ଅନ୍‌ଲାଇନ ପ୍ଲାଟଫର୍ମ ଜରିଆରେ ପ୍ରଚଳନ କରାଯାଇଥିବା ଏହି ପ୍ରଚାର ଅଭିଯାନଦ ସ୍ୱପ୍ନକୁ ସାକାର କରିବା ପାଇଁ ନିୟମିତ ସଞ୍ଚୟ ଏବଂ ନିବେଶ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରୁଛି। ବିଷୟବସ୍ତୁ ଏବଂ ଏକ ସହଜରେ ବୁଝିହେଉଥିବା ହିସାବ ସହାୟତାରେ ଏହି ଅଭିଯାନ ଉପଭୋକ୍ତାଙ୍କୁ ଅନ୍ତରୀଣ ଜଟିଳ ସମୟରେ ଉପଯୁକ୍ତ ମାର୍ଗରେ ଅଗ୍ରସର ହେବା ଏବଂ ସେମାନଙ୍କର ଆର୍ଥିକ ଯାତ୍ରାରେ ସଠିକ ପଥରେ ପରିଚାଳିତ ହୋଇ ସେମାନେ ହାସଲ କରିବାକୁ ଚାହୁଁଥିବା ଆର୍ଥିକ ଲକ୍ଷ୍ୟ ହାସଲରେ ସହାୟତା କରୁଛି। ଚାକିରୀ ଅଥବା ଜୀବିକା ଉପାର୍ଜନ ଉତ୍ସ ହରାଇବା ପରେ, ସାମ୍ପ୍ରତିକ ଦୃଶ୍ୟପଟ୍ଟରେ ଏସଆଇପିକୁ ବନ୍ଦ ରଖିବା ଅଥବା ଜାରି ରଖିବା, ସୀମିତ ବେତନ ମଧ୍ୟରେ କିଭଳି ଖର୍ଚ୍ଚ ଓ ପୁଞ୍ଜିନିବେଶକୁ ପରିଚାଳନା କରିବା ଆଦିକୁ ନେଇ ଜୀବନ ସହିତ କିଭଳି ଆଗକୁ ବଢିବାକୁ ହେବ ସେ ସମ୍ପର୍କିତ ଅନେକ ପ୍ରାସଙ୍ଗିକ ପ୍ରଶ୍ନର ଉତ୍ତର ଏହାର ବିଷୟବସ୍ତୁରେ ରହିଛି। ବିବିଧ ଡିଜିଟାଲ ମାଧ୍ୟମରେ ପ୍ରସାରିତ ହେବାକୁ ଥିବା ଏହି ପ୍ରଚାର ଅଭିଯାନର ଭିଡିଓରେ ଜୀବନର ବିଭିନ୍ନ କ୍ଷେତ୍ରରୁ ଉପଭୋକ୍ତାଙ୍କର ଆଶା ଆକାଂକ୍ଷା ପ୍ରଦର୍ଶିତ ହୋଇଛି ଏବଂ 'ଲେଟ୍‌ସ ପ୍ଲାନ୍' କିଭଳି ଜନସାଧାରଣଙ୍କ ସ୍ୱପ୍ନକୁ ସୋପାନ ପରେ ସୋପାନ ସାକାର କରିବାରେ ସହାୟକ ହେଉଛି, ତାହା ବର୍ଣ୍ଣନା କରିଛି କୋଟାକ ମହିନ୍ଦ୍ରା ଆସେଟ ମ୍ୟାନେଜମେଉୟ' କମ୍ପାନୀ ଲିମିଟେଡର ଡିଜିଟାଲ ବିଜନେଓ ମାର୍କେଟିଂ ମୁଖ୍ୟ କିଞ୍ଜଲ ଶାହ କହିଛନ୍ତି, "ଆମର ପୁରସ୍କାରପ୍ରାପ୍ତ ପ୍ରଚାର ଅଭିଯାନ 'ଟକ୍ ଟୁ ମିଷ୍ଟର ଏସଆଇପି' ପରେ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା' ଉପଭୋକ୍ତାଙ୍କୁ ନୂତନ ସ୍ୱାଭାବିକ ପରିସ୍ଥିତିରେ ସେମାନଙ୍କର ଭବିଷ୍ୟତ ସମ୍ପର୍କରେ ଯୋଜନା କରିବା ଦିଗରେ ସହାୟତା କରିବାକୁ ଏକ ଅନନ୍ୟ ଶିକ୍ଷାଭିତ୍ତିକ ନିବେଶକ ପ୍ରୟାସ

ହୋଇଛି। ଏହି ପ୍ରଚାର ଅଭିଯାନର ମୂଳ ତତ୍ତ୍ୱ ହେଉଛି- ବିଶ୍ୱସ୍ତରରେ ଜୀବନ ଜୀବିକାକୁ ଧୂଳିସାତ୍ କରିଦେଇଥିବା ଭୟାନକ କରୋନାଭୂତାଣୁ ମହାମାରୀ କୋଭିଡ-୧୯ କଦାପି ଆର୍ଥିକ ଯୋଜନା ପ୍ରସ୍ତୁତି ପ୍ରକ୍ରିୟାରେ ସ୍ଥାଣୁତା ନଆଣୁ। 'ଲେଟ୍‌ସ ପ୍ଲାନ୍' ସହିତ ଉପଭୋକ୍ତାଙ୍କୁ ଏସଆଇପିର ପ୍ରମାଣିତ ଶକ୍ତି ବଳରେ ସେମାନଙ୍କ ଭବିଷ୍ୟତ ଯୋଜନା ପାଇଁ ଆବଶ୍ୟକ କରୁଥିବା ସାଧନ ଓ ସୂଚନା ପ୍ରଦାନକରି ସେମାନଙ୍କୁ ସଶକ୍ତ କରୁଛି।" ଏହି ପ୍ରଚାର ଅଭିଯାନ ଡିଜିଟାଲ ମାର୍କେଟିଂ ସଂସ୍ଥା ହାଇପର୍ କନେକ୍ଟ ଦ୍ୱାରା ପ୍ରସ୍ତୁତ କରାଯାଇଛି। ହାଇପର୍ କନେକ୍ଟର ସହ ପ୍ରତିଷ୍ଠାତା ତଥା କ୍ରିଏଟିଭ ମୁଖ୍ୟ କିରଣ ଖାଡ଼କେ କହିଛନ୍ତି, 'ସ୍ୱପ୍ନ ସଂପୂର୍ଣ୍ଣ ମାଗଣା, ତାହା ଜଣକୁ କେବଳ ସମ୍ଭାବନା ରହିଥିବାର ବିଶ୍ୱାସ ପ୍ରଦାନ କରେ। ଆମେ ଏହି ମୌଳିକ ତତ୍ତ୍ୱକୁ ବାଛିଲୁ ଏବଂ ତାହାକୁ ଏସଆଇପିର ମୂଳ ବିଷୟ ସହିତ ସଂଯୁକ୍ତ କଲୁ, ଏବଂ ତାହାପରେ ଏହି ପ୍ରଚାର ଅଭିଯାନ ସୃଷ୍ଟିହେଲା। ଭିଡିଓରେ ଏହି ବର୍ଣ୍ଣନାକୁ ପ୍ରତିପାଦନ କରାଯାଇଛି ଏବଂ ଏହାର ବିଷୟବସ୍ତୁ ନୂତନ ତଥା ପୂର୍ବରୁ ରହିଥିବା ନିବେଶକଙ୍କୁ ସହଜ ହିସାବ ଜରିଆରେ ସେମାନଙ୍କ ସ୍ୱପ୍ନକୁ ନେଇ ଅତ୍ୟନ୍ତ ସୂକ୍ଷ୍ମ ଭାବରେ ଯୋଜନା ପ୍ରସ୍ତୁତ କରିବାରେ ସହାୟତା କରୁଛି।"

# ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ଉପଯୋଗ କଲା ଇଣ୍ଡିଆ ପାୱାର

ଭୁବନେଶ୍ୱର: ଏକ ଅଗ୍ରଣୀ ଶକ୍ତି ୟୁଟିଲିଟି ଇଣ୍ଡିଆ ପାୱାର କର୍ପୋରେସନ ଲିମିଟେଡ (ଇଣ୍ଡିଆ ପାୱାର) ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ସୁଲଭ ମୂଲ୍ୟରେ ଉପଯୋଗ କରିବାରେ ଧ୍ୱଜାଧାରୀ ଭାବେ ଉଭା ହୋଇଛି। ୧୯୧୯ରୁ ଉପଭୋକ୍ତାଙ୍କୁ ବିଦ୍ୟୁତ ଯୋଗାଇ ଆସୁଥିବା ରାଷ୍ଟ୍ରାୟତ୍ତ ଦିଶେରଗଡ ପାୱାର ସପ୍ଲାଇ କମ୍ପାନୀ (ଡିପିଏସ୍‌ସି)କୁ ଅଧିଗ୍ରହଣ କରିବା ଦ୍ୱାରା କମ୍ପାନୀ ତାହାର ସେବା ଯୋଗାଣରେ ସରକାରୀ ଏବଂ ଘରୋଇ କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିଛି। ଏହି ଅଧିଗ୍ରହଣ ଏକ ଆଧୁନିକ ୟୁଟିଲିଟି ସୃଷ୍ଟି କରିଛି ଯାହା ଗ୍ରାହକଙ୍କୁ ସେମାନେ ଦେଉଥିବା ମୂଲ୍ୟର ଉପଯୁକ୍ତ ସେବା ଦେବା ବ୍ୟବସ୍ଥାରେ ଉନ୍ନତି ଆଣିବା ନିମନ୍ତେ ଅଗ୍ରଣୀ ପ୍ରଯୁକ୍ତିକୁ ବ୍ୟବହାର କରୁଛି ଏବଂ ସମାଜ ପ୍ରତି ନିଜର ଦୃଢ ପ୍ରତିଶ୍ରୁତିବଦ୍ଧତା ରଖୁଛି। ଇଣ୍ଡିଆ ପାୱାର ଡିପିଏସ୍‌ସିର ଠିକାରେ ଥିବା କର୍ମଚାରୀଙ୍କ ସମେତ ପ୍ରାୟ ୨୦୦୦ କର୍ମଚାରୀଙ୍କୁ ସଶକ୍ତ କରିଛି ଏବଂ ସେମାନଙ୍କୁ ନିଜର ପୂର୍ବରୁ ରହିଥିବା ଲୋକଶକ୍ତି ସହିତ ସମନ୍ୱିତ କରିଛି। ଏହା ଏକ ଅନନ୍ୟ ସାଂସ୍କୃତିକ ସଂପ୍ରୀତି ସୃଷ୍ଟି କରିପାରିଛି ଯାହା କମ୍ପାନୀ ଭିତରେ ନୂତନ ଉଦ୍ଭାବନ ଏବଂ ସୃଜନଶୀଳତା ସଂସ୍କୃତିକୁ ପ୍ରୋତ୍ସାହିତ କରୁଛି। ଇଣ୍ଡିଆ ପାୱାର ତାହାର ଘରୋଇ, ବାଣିଜ୍ୟିକ ଏବଂ ଶିଳ୍ପ ଉପଭୋକ୍ତାଙ୍କୁ ଉନ୍ନତତର ସେବା ସୁଲଭ ମୂଲ୍ୟରେ ଯୋଗାଇବା ସକାଶେ ନେଟୱର୍କ ଓ ଆବଛକ୍ଷପ୍;ନ ଭିତ୍ତିଭୂମିକୁ ଉନ୍ନତ କରିବାକୁ ୫୦୦ କୋଟି ଟଙ୍କାରୁ ଅଧିକ ନିବେଶ କରିଛି। ନୂତନ ଭୌଗୋଳିକ ଅଞ୍ଚଳରେ ନିଜର କାର୍ଯ୍ୟକ୍ରମକୁ ସମ୍ପ୍ରସାରିତ କରିବା ପାଇଁ ସାନି ପୁଞ୍ଜିନିବେଶ କରିବାକୁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ ଏବଂ ଉପଭୋକ୍ତା ଯେଭଳି ଭୋଲ୍‌ଟେଜରେ ହ୍ରାସବୃଦ୍ଧି, ଶକ୍ତି ବିଭ୍ରାଟ, ଶକ୍ତି ଯୋଗାଣରେ ବିଫଳତା ଏବଂ ଲୋଡ ସେଡିଂ ଆଦି କାରଣରୁ ପ୍ରଭାବିତ ନୁହଅନ୍ତି ତାହା ନିଶ୍ଚିତ କରିବାକୁ ବହୁ ରାଜ୍ୟ ସରକାରଙ୍କ ସହିତ ନିବିଡ ଭାବରେ ମିଶି କାର୍ଯ୍ୟ କରୁଛି। ମଧ୍ୟପ୍ରଦେଶ ସରକାର ଇଣ୍ଡିଆ ପାୱାରର ସହଯୋଗୀ କମ୍ପାନୀ ଏମ୍‌ପି ସ୍ମାର୍ଟଗ୍ରୀଡ ପ୍ରାଇଭେଟ ଲିମିଟେଡକୁ ନିକଟରେ ଏକ ପ୍ରଥମ ଧରଣର ପ୍ରକଳ୍ପ ପ୍ରଦାନ କରିଛନ୍ତି। କମ୍ପାନୀ ଉଜ୍ଜୟିନ, ରତ୍‌ଲାମ, ଦେୱାସ, ଖାରଗୋନ୍ ଏବଂ ମାଉ ଆଦି ସ୍ଥାନରେ ୩୫୦,୦୦୦ ସ୍ମାର୍ଟ ମିଟର ସ୍ଥାପନ କାର୍ଯ୍ୟ ଆରମ୍ଭ କରିଛି। ଉପଭୋକ୍ତାଙ୍କ ଘରେ ସ୍ମାର୍ଟ ମିଟର ସ୍ଥାପନ ସହିତ ଏହି ପ୍ରକଳ୍ପରେ ଏକ ପାୱାର ନେଟୱର୍କ ପାଇଁ ଭିତ୍ତିଭୂମି ସ୍ଥାପନ ଏବଂ ପାଞ୍ଚବର୍ଷ ପର୍ଯ୍ୟନ୍ତ ତାହାର ପରିଚାଳନା ଓ ରକ୍ଷଣାବେକ୍ଷଣ (ଓ ଆଣ୍ଡ ଏମ୍) ମଧ୍ୟ ଅନ୍ତର୍ଭୁକ୍ତ। ସରକାରୀ ଓ ଘରୋଇ କ୍ଷେତ୍ରର ସମ୍ମିଳିତ ସାମର୍ଥ୍ୟକୁ ସାକାର ରୂପ ଦେବାନେଇ କମ୍ପାନୀର ସାମର୍ଥ୍ୟ ସମ୍ପର୍କରେ ପ୍ରକାଶକରି ଇଣ୍ଡିଆ ପାୱାରର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ରାଘବ ରାଜ କନୋରିଆ କହିଛନ୍ତି, "ଇଣ୍ଡିଆ ପାୱାରରେ ଆମେ ଦୁଇଟି କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିବାରେ ସମର୍ଥ ହୋଇଛୁ। ଉପଭୋକ୍ତା ସନ୍ତୁଷ୍ଟିକୁ ଆଗେଇନେବାରେ ଘରୋଇ କ୍ଷେତ୍ରର ଉଲ୍ଲେଖନୀୟ ସାମର୍ଥ୍ୟ ହେଉ କିମ୍ବା କର୍ମଚାରୀ କଲ୍ୟାଣ ନିମନ୍ତେ ସରକାରୀ କାର୍ଯ୍ୟ ସଂସ୍କୃତି- ଇଣ୍ଡିଆ ପାୱାର ସବୁ କ୍ଷେତ୍ରରେ ସଫଳ ହୋଇଛି। ଆମେ ଡିପିଏସ୍‌ସିର ସମସ୍ତ କର୍ମଚାରୀଙ୍କୁ ବଜାୟ ରଖିଛୁ, ସେମାନଙ୍କୁ ପୁନଃ ତାଲିମ ପ୍ରଦାନ ସହିତ ସଶକ୍ତ କରିଛୁ, ଆଡଭାନ୍‌ସଡ ମିଟରିଂ

ଇନଫ୍ରାଷ୍ଟ୍ରକଚର (ଏଏମ୍‌ଆଇ), ଏସ୍‌ସିଏଡିଏ ଏବଂ ଇଛକ୍ଷପ୍;ରନେଟ ଅଫ୍ ଥିଙ୍ଗ୍‌ସ (ଆଇଓଟି) ଭଳି ଆଧୁନିକ ପ୍ରଯୁକ୍ତିକୌଶଳରେ ପୁଞ୍ଜିନିବେଶ କରିବା ସହିତ ଆମର ସମସ୍ତ ଅଂଶୀଦାରଙ୍କ ପାଇଁ ଏକ ଲାଭଜନକ ପରିବେଶ ସୃଷ୍ଟି କରିଛୁ।" ଇଣ୍ଡିଆ ପାୱାର୍‌ର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ତଥା ଶକ୍ତି ଶିଳ୍ପର ଜଣେ ପ୍ରବୀଣ ବ୍ୟକ୍ତି ଶ୍ରୀ ସୋମେଶ ଦାସଗୁପ୍ତା କହିଛନ୍ତି, "ଡିପିଏସ୍‌ସି ଏହାର ଲାଇସେନ୍ସ ଅଧୀନ ଅଞ୍ଚଳରେ ଥିବା ଗୁରୁତ୍ୱପୂର୍ଣ୍ଣ ଖଣି କ୍ଷେତ୍ରଗୁଡିକୁ ଏକାଗ୍ରତା, ଉତ୍ସର୍ଗୀକୃତ ଭାବ ଏବଂ ଶୃଙ୍ଖଳିତ ଭାବେ ଶକ୍ତି ଯୋଗାଇ ଦେଉଛି। ଅଧିଗ୍ରହଣ ପରବର୍ତ୍ତୀ ସମୟରେ ଇଣ୍ଡିଆ ପାୱାର ସୁଲଭତା ସହିତ ମାନକୁ ସଂଯୁକ୍ତ କରିଛି ଏବଂ ଉପଭୋକ୍ତାଙ୍କ ପାଇଁ ସେମାନଙ୍କ ଅର୍ଥର ଉପଯୁକ୍ତ ମୂଲ୍ୟ ପ୍ରଦାନ ସ୍ଥିତିରେ ପୁନଃ ଉନ୍ନତି ଆଣିଛି। ସରକାରୀ କ୍ଷେତ୍ର ସେବା ଯୋଗାଣରେ ଘରୋଇ କ୍ଷେତ୍ରର ଅଭିଜ୍ଞତାକୁ ସମ୍ମିଶ୍ରିତ କରିବାରେ କମ୍ପାନୀ ଏକ ମାନଦଣ୍ଡ ସ୍ଥାପନ କରିଛି ଏବଂ ସମଗ୍ର ଭାରତରେ ରାଜ୍ୟ ସରକାରମାନଙ୍କ ଦ୍ୱାରା ଏକ ପସନ୍ଦଯୋଗ୍ୟ ସହଭାଗି ଭାବରେ ବିବେଚିତ ହେଉଛି।

## ଅବସରପ୍ରାପ୍ତ କୋର୍ଟ କର୍ମଚାରୀଙ୍କ ବିୟୋଗରେ ଶୋକ

କେନ୍ଦୁଝର:(ପି.ଏନ୍.):କେନ୍ଦୁଝର ଜିଲ୍ଲା ବିଚାର ବିଭାଗର ଅବସରପ୍ରାପ୍ତ ଅମିନ ଭାବେ କାର୍ଯ୍ୟ କରୁଥିବା ଜୟକୃଷ୍ଣ ବେହେରାଙ୍କ ବିୟୋଗରେ ଜିଲ୍ଲା ବିଚାର ବିଭାଗ ଅବସରପ୍ରାପ୍ତ କର୍ମଚାରୀ ସଂଘ ତରଫରୁ କୋଭିଡ୍ ନିୟମକୁ ପାଳନ କରି ସଭ୍ୟମାନେ ସ୍ୱର୍ଗତ ବେହେରାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ମିନିଟ୍ ନିରବ ପ୍ରାର୍ଥନା କରିବା ସହ ତାଙ୍କ ଶୋକ ସଂପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ । ସ୍ୱର୍ଗତ ବେହେରା କେନ୍ଦୁଝର ଜିଲ୍ଲା ଜଜ୍‌କୋର୍ଟରେ ୧୯୮୪ ମସିହା ଜାନୁଆରୀ ମାସରେ ଅମିନ ଭାବେ ଯୋଗ ଦେଇ ୨୦୧୮ ମସିହା ଏପ୍ରିଲ ମାସରେ କାର୍ଯ୍ୟରୁ ଅବସର ନେଇଥିଲେ।

# ମୋ ଓଡ଼ିଶା

## ମୋନା ପକ୍ଷରୁ ଉତ୍କଳ ଦିବସରେ ମଦମୁକ୍ତ ଓଡିଶା ଦାବି




ଭୁବନେଶ୍ୱର (ପିଏନ୍): ୮୫ତମ ଉତ୍କଳ ଦିବସ ଅବସରରେ ମିଳିତ ଓଡିଶା ନିଶା ନିବାରଣ ଅଭିଯାନ (ମୋନା) ପକ୍ଷରୁ ରାଜଧାନୀ ଭୁବନେଶ୍ୱରସ୍ଥିତ ଗବର୍ନର ହାଉସ ଛକଠାରେ ଉତ୍କଳଗୌରବ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ଲୋଏର ପିଏଜି ଛକଠାରେ ମଦ ମୁକ୍ତ ଓଡିଶା ପାଇଁ ଦାବୀ କରାଯାଇଥିଲା । କେବଳ ଏତିକି ନୁହେଁ ସଂଗଠନ ପକ୍ଷରୁ ପ୍ରଦେଶକୁ କିପରି ଭାବେ ଯଥାଶୀଘ୍ର ମଦ ମୁକ୍ତ କରାଯିବ, ସେ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏକ ଚିଠି ମଧ ପ୍ରଦାନ କରାଯାଇଛି । ଏହି ଅବସରରେ ମୋନାର ସଭାପତି ଶ୍ରୀ ପଦ୍ମଚରଣ ନାୟକ କହିଛନ୍ତି ଯେ, ରାଜ୍ୟକୁ ସ୍ୱତନ୍ତ୍ର ପ୍ରଦେଶ କରିବା ପାଇଁ ଅନେକ ଓଡିଆ ନିଜକୁ ଉତ୍ସର୍ଗ କରିଦେଇଥିଲେ। ତାଙ୍କ ପ୍ରୟାସ ପାଇଁ ଓଡିଶା ସର୍ବଦା ଋଣୀ । ସେହି ରାଜ୍ୟରେ ଚଳିତ ସରକାର ୨୦ ବର୍ଷରୁ ଅଧିକ କାଳ ରହିବାର ସୌଭାଗ୍ୟ ଲାଭ କରିଛି। ଏହି ସମୟ ମଧ୍ୟରେ ରାଜ୍ୟରେ ମଦର ପ୍ରସାର ୨୦ ଗୁଣରୁ ଅଧିକ ବଢିଛି। ଏହାଫଳରେ ଲକ୍ଷାଧିକ ଲୋକ ସଡ଼କ ଦୁର୍ଘଟଣାରେ ମରୁଛନ୍ତି। ବିଷାକ୍ତ ମଦ ଯୋଗୁଁ ଯେତିକି ପ୍ରାଣ ହରାଉଛନ୍ତି, ବିଶୁଦ୍ଧ ମଦ ପିଇ ମଧୁମେହ ହୁଏ ଏବଂ ତା'ରି ଫଳରେ ଲୋକେ ରୋଗ ପ୍ରତିରୋଧକ ଶକ୍ତି ହରାନ୍ତି। ପରିଣାମସ୍ୱରୂପ ହୃଦଘାତ ଓ ନାନାପ୍ରକାର କର୍କଟ ରୋଗରେ ସେମାନେ ତରୁଣ ବୟସରେ ପ୍ରାଣ ହରାନ୍ତି। ଗତ ୨୦ବର୍ଷ ମଧ୍ୟରେ ଏଭଳି ଭାବରେ ପ୍ରାୟ ୧୦ ଲକ୍ଷରୁ ଅଧିକ ଯୁବତୀ ଅଳ୍ପ ବୟସରୁ ବିଧବା ହେବା ତା'ର ପ୍ରମାଣ। ପଶ୍ଚିମ ଓଡ଼ିଶାରେ ଅନେକ ଗାଁରେ ଏଭଳି କାରଣରୁ ଏତେ ଯୁବତୀ ବିଧବା ହୋଇଛନ୍ତି ଯେ କେତେ ଗାଁରେ ବିଧବାପଡ଼ା ବି ଦେଖିବାକୁ ମିଳେ। ଏହାସହ ସେ କହିଛନ୍ତି ଯେ, ''ଯେଉଁମାନେ ସ୍ୱତନ୍ତ୍ର ଓଡ଼ିଶା ପାଇଁ ଲଢିଥିଲେ; ସେମାନେ ସ୍ୱପ୍ନ ଦେଖିଥିଲେ ସମୃଦ୍ଧ ଓ ଗୌରବମଣ୍ଡିତ ଉତ୍କଳର। ସରକାର ଆଗାମୀ ବର୍ଷକ ମଧ୍ୟରେ ଓଡ଼ିଶାକୁ ନିଶାମୁକ୍ତ କଲେ ସେହି ମହାନ ଜାତିପ୍ରାଣମାନଙ୍କ ସ୍ୱପ୍ନ ସାକାର ହେବ ଓ ଓଡ଼ିଶାର ନିୟୁତ ନିୟୁତ ମାଆମାନଙ୍କର ଆଖିରୁ ଲୁହ ଶୁଖିବ ଏବଂ ପିଲାଙ୍କ ମୁହଁରେ ହସ ଫୁଟିବ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ମଳୟ ତ୍ରିପାଠୀ, ବାଣୀ ଦାସ, ଖଗେଶ୍ୱର ବଳ, ସୌମ୍ୟରଞ୍ଜନ ମହାନ୍ତି, ଇନ୍ଦୁମତୀ ନାୟକ, ଶାନ୍ତିଲତା ରାଉତରାୟ, ପ୍ରଭାତ ସାମନ୍ତରାୟ, ଶୁଭେନ୍ଦୁ ରାଉତରାୟ, ମୃତ୍ୟୁଞ୍ଜୟ ସାମଲ, ରମାକାନ୍ତ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ ।

## ମାତୃଭୂମି ଓ ମାତୃଭାଷାର ସୁରକ୍ଷା ଆଜିର ଯୁବପିଢିଙ୍କ ଦାୟିତ୍ୱ

ଭୁବନେଶ୍ୱର (ପିଏନ୍): ଡି.ଏ.ଭି ପବ୍ଲିକ ସ୍କୁଲ କଳିଙ୍ଗ ନଗରରେ ପବିତ୍ର ୮୫ତମ ଉତ୍କଳ ଦିବସ ପାଳିତ ହୋଇଯାଇଛି। ଏହି ଉତ୍ସବର ପ୍ରାରମ୍ଭରେ 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତ ଗାନ ସହ ଉତ୍କଳର ବରପୁତ୍ରମାନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ଅଧକ୍ଷ ଶ୍ରୀଯୁକ୍ତ ବିପିନ କୁମାର ସାହୁ ଉତ୍କଳ ଦିବସ ପାଳନର ଆଭିମୁଖ୍ୟ ତଥା ଓଡିଶାକୁ ଏକ ସମୃଦ୍ଧ ଓ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ପ୍ରତ୍ୟେକ ଓଡିଆଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ବିଷୟରେ ସୂଚାଇ ଦେଇଥିଲେ। ଏଥିସହିତ ଯୁବପିଢିମାନଙ୍କୁ ମାତୃଭୂମି ଓ ମାତୃଭାଷାର ସୁରକ୍ଷା ପାଇଁ ସଚେତନ ହେବା ଦିଗରେ ଆହ୍ୱାନ ଦେଇଥିଲେ। ବିଦ୍ୟାଳୟର ଶିକ୍ଷକଶିକ୍ଷିକାମାନଙ୍କ ଦ୍ୱାରା ସାମୂହିକ ସଙ୍ଗୀତ, ନୃତ୍ୟ, କବିତା ପାଠ ସହ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ତାତ୍ପର୍ଯ୍ୟ ସମ୍ବନ୍ଧରେ ବକ୍ତବ୍ୟ ପ୍ରଦାନ କରାଯାଇଥିଲା। କୋଭିଡ଼ କଟକଣାକୁ ଦୃଷ୍ଟିରେ ରଖି ଏହି ଦିବସର ମାହାତ୍ମ୍ୟ, ଛାତ୍ରଛାତ୍ରୀ ମାନଙ୍କ ଅବଗତି ନିମନ୍ତେ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମର ଏକ ଭିଡିଓ ଅନଲାଇନ ମାଧ୍ୟମରେ ପ୍ରସାରଣ କରାଯାଇଛି । ବିଦ୍ୟାଳୟର ଓଡିଆ ଭାଷା ଓ ସାହିତ୍ୟ ବିଭାଗ ତରଫରୁ ଏହି ସମସ୍ତ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

## ଜିଲ୍ଲା ଓ ବ୍ଲକ୍ କଂଗ୍ରେସ ତରଫରୁ ଉତ୍କଳ ଦିବସ ପାଳିତ

ରାଉରକେଲା (ପିଏନ୍): ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ୮୫ତମ ଉତ୍କଳ ଦିବସ କୋଭିଡ୍ କଟକଣାକୁ ଦୃଷ୍ଟିରେ ରଖି ନିରାଡମ୍ବର ଭାବେ ପାଳନ କରାଯାଇଛି । ଜିଲ୍ଲା କଂଗ୍ରେସର କର୍ମକର୍ତ୍ତାମାନେ ସକାଳ ୯ଟା ବେଳେ ରେଳଷ୍ଟେସନ ନିକଟସ୍ଥ ମଧୁସୂଦନ ମାର୍ଗରେ ଅବସ୍ଥିତ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଉତ୍କଳ ପ୍ରଦେଶ ଗଠନରେ ତାଙ୍କ ଭୂମିକାର ସ୍ମୃତିଚାରଣ କରିଥିଲେ । ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ବିରେନ ସେନାପତିଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରଘୁନାଥପାଲ୍ଲୀ କଂଗ୍ରେସ ନେତା ପ୍ରଶାନ୍ତ ସେଠୀ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ସେବାଦଳ ଅଧକ୍ଷ ବିନୋଦ ରାଉତ, ଓବିସି ଅଧକ୍ଷ କୈଳାସ ସାହୁ, ଏସ୍‌ଟି ସେଲ୍ ଅଧକ୍ଷ ବିନୋଦ ତନ୍ତୀ, ଯୁବ କଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦକ ଜ୍ଞାନେନ୍ଦ୍ର ଦାସ, ବରିଷ୍ଠ ନେତା ସୁନୀଲ ପଟ୍ଟନାୟକ, ସରୋଜ ଲେଙ୍କା, ଭାସ୍କର ଖିଲ୍ଲାର, ତ୍ରୈଲୋଚନ ସାହୁ, ନାରୀନେତ୍ରୀ ତୁଳସୀ ନାଗ, ରିତା ମଲ୍ଲିକ ଓ ଅମ୍ରିତ କୌର ପ୍ରମୁଖଙ୍କ ସମେତ ବହୁ କଂଗ୍ରେସ କର୍ମୀ ଅଂଶଗ୍ରହଣ କରି ଉତ୍କଳ ପ୍ରଦେଶ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ମହାପୁରୁଷମାନଙ୍କ ସ୍ମୃତିଚାରଣ କରିଥିଲେ । ସେହିପରି ଛେଣ୍ଡଠାରେ ଉତ୍କଳ ପ୍ରଦେଶ ଗଠନର ମହାନାୟକ ମଧୁବାବୁ ଓ ପଣ୍ଡିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ୭ ନମ୍ବର ବ୍ଲକ୍ କଂଗ୍ରେସ ତରଫରୁ ମାଲ୍ୟାର୍ପଣ କରାଯାଇ ଉତ୍କଳ ଦିବସ ପାଳନ କରାଯାଇଥିଲା । ବ୍ଲକ୍ କଂଗ୍ରେସ ସଭାପତି ବିଜୟ ଆପଟଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ଗିରିଜାଶଙ୍କର ମିଶ୍ର, ବସନ୍ତ ସାମଲ, ସୁବଳ ବାସୁରୀ, ସୁଧୀର ନାଥ, ବନଲତା ବେହେରା ପ୍ରମୁଖଙ୍କ ସମେତ ବହୁ ଦଳୀୟ କର୍ମୀ ଅଂଶଗ୍ରହଣ କରିଥିଲେ । ଅନୁରୂପ ଭାବେ ୪ନମ୍ବର ବ୍ଲକ୍ କଂଗ୍ରେସ ତରଫରୁ ମଧୁସୂଦନପାଲ୍ଲୀଠାରେ ଅବସ୍ଥିତ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଉତ୍କଳ ପ୍ରଦେଶ ଗଠନରେ ମଧୁବାବୁଙ୍କ ପ୍ରମୁଖ ଭୂମିକା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ବ୍ଲକ୍ କଂଗ୍ରେସ ସଭାପତି ସରୋଜ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କଂଗ୍ରେସ ନେତା ମୋଛୁ ସାହୁ, ରାଜେଶ ପ୍ରସାଦ, ସୁପର୍ଣ୍ଣ ଶାହା, ରାଜେଶ ଚୌଧୁରୀ, ସିକନ୍ଦର ସାହୁ, ମୁନ୍ନା ସାହୁ, ଶକୁନ୍ତଳା ଦେବୀ, ମମତା ଦତ୍ତ ପ୍ରମୁଖଙ୍କ ସମେତ ଅନେକ କଂଗ୍ରେସ କର୍ମୀ ଅଂଶଗ୍ରହଣ କରିଥିଲେ ।

# ରଣପୁର ବିଦ୍ରୋହର ଶହୀଦ





ପରାଧୀନ ଥିଲା ଆମ ଦେଶ। ସେତେବେଳେ ପ୍ରତ୍ୟକ୍ଷ ବ୍ରିଟିଶ୍ ଶାସନ ଅଂଚଳ ବ୍ୟତୀତ ୬୫୪ଟି କ୍ଷୁଦ୍ର, ମଧ୍ୟମ ଓ ବୃହତ୍ ଗଡ଼ଜାତ ରାଜ୍ୟମାନଙ୍କରେ କରଦ ରାଜା, ମହାରାଜାମାନଙ୍କର ଶାସନ ଚାଲୁଥିଲା । ଗଡ଼ଜାତି ଶାସନରେ ଅତିଷ୍ଠ ହୋଇ ବେଠି, ବେଗାରି, ମାଗଣ, ରସଦ, କର, ଟିକସ, ଅନ୍ୟାୟ, ଅତ୍ୟାଚାର, ଦୂରାଚାର, ଭ୍ରଷ୍ଟାଚାର, ଶୋଷଣ, ପ୍ରେଷଣ, ଉତ୍ପୀଡ଼ନ ଓ ନିଷ୍ପୀଡ଼ନ ଦ୍ୱାରା ପ୍ରଜାମାନେ ହନ୍ତସନ୍ତ ଓ ତଳିତଳାନ୍ତ ହେଉଥିଲେ । କୌଣସି ପ୍ରଜା ଏହି ଅନ୍ଧାରି ଶାସନ ବିରୋଧରେ ପ୍ରତିବାଦ କଲେ ତାଙ୍କୁ ଜେଲ, ଜୋରିମାନା ଆଦି ଦଣ୍ଡ ଭୋଗିବାକୁ ପଡୁଥିଲା କିମ୍ବା ରାଜ୍ୟରୁ ବିତାଡ଼ିତ କରି ଦିଆଯାଉଥିଲା । ତେବେ ପ୍ରଜାମାନଙ୍କ ଅସନ୍ତୋଷ ସମୟେ ସମୟେ ଅତ୍ୟାଚାରୀ ଶାସକମାନଙ୍କ ବିରୋଧରେ ବିଦ୍ରୋହର ରୂପ ନେଉଥିଲା । ଲୋକେ ଗାଉଥିଲେ 'ମାର୍ ତୁ ଯେତେ ଗୁଳି, ହୁଂକାପିଟା ଶାସନ ଆମେ ଗୋଡ଼ରେ ଦେବୁ ଦଳା/ରଖ୍ ତୋ ଲାଠି କାଠର ଲାଠି ଲୁହାର ଆମ ଛାତି/ମରଣ ଆମ ମଇତ୍ର ଜାଣ କଷଣ ଆମ ସାଥି'। କେବଳ କଥାରେ ନୁହେଁ, କାମରେ କରି ଦେଖେଇଥିଲେ। ସେତେବେଳେ ଦୁଇ ଜଣ ତରୁଣ ରଘୁ-ଦିବାକର ଦେଶ ପାଇଁ ମରଣକୁ ମଇତ୍ର କରି ଦେଇଥିଲେ । ସେମାନଙ୍କର ଏକମାତ୍ର ଅପରାଧ ଥିଲା ଦେଶ ଓ ଜାତିକୁ ଭଲ ପାଇବା, ଗଡ଼ଜାତ ରାଜଶାସନର ଅନ୍ୟାୟ, ଅନୀତି, ଶୋଷଣ, କଷଣ, ଜୁଲମ ବିରୋଧରେ ପ୍ରତିବାଦର ସ୍ୱର ଉତ୍ତୋଳନ କରି ଆନ୍ଦୋଳନ କରିବା।




ପରାଧୀନ ଭାରତ ବର୍ଷରେ ଏକ ଶୋଷଣମୁକ୍ତ ସମାଜର ସ୍ୱପ୍ନ ଦେଖୁଥିବା ଏଇ ଦୁଇ ବଂଧୁ ଜନ୍ମିଥିଲେ ରଣପୁର ଅଂଚଳରେ; ରଘୁନାଥ ମହାନ୍ତି ବାଦଭୂଇଁ ଗ୍ରାମରେ ଓ ଗଡ଼ବାଣୀକିଲୋ ଗ୍ରାମରେ ଦିବାକର ପରିଡ଼ା।

ଓଡ଼ିଶାର ବିଭିନ୍ନ ଗଡ଼ଜାତଗୁଡ଼ିକରେ ପ୍ରଜାମଣ୍ଡଳ ଗଠିତ ହେଇଥିଲା ୧୯୩୮ ମସିହାରେ । ରଣପୁର ଗଡଜାତରେ ବନମାଳୀ ରାମ, କୃପାସିନ୍ଧୁ ମିଶ୍ର, ରଘୁନାଥ ମହାନ୍ତି ଓ ଦିବାକର ପରିଡ଼ା(ରଘୁ-ଦିବାକର)ଙ୍କ ନେତୃତ୍ୱରେ ପ୍ରଜାମଣ୍ଡଳ ଗଠିତ ହୋଇଥିଲା । ରଘୁ-ଦିବାକର ଗାଁକୁ ଗାଁ ବୁଲିବୁଲି ଅତ୍ୟାଚାରୀ ରାଜା ତଥା ବ୍ରିଟିଶ୍ ଶାସନ ବିରୋଧରେ ଲୋକମାନଙ୍କୁ ଏକତ୍ରିତ କରୁଥିଲେ। ଏହି ଆନ୍ଦୋଳନରେ ଘଟନା କ୍ରମେ ପଲିଟିକାଲ୍ ଏଜେଂଟ୍ ମେଜର ବେଜେଲ୍‌ଗେଟ୍ ପ୍ରଜାଙ୍କ ଠେଙ୍ଗା ମାଡରେ ମୃତ୍ୟୁବରଣ କଲେ । ଏହା ପୂର୍ବରୁ ଭାରତର ସ୍ୱାଧୀନତା ସଂଗ୍ରାମର ଇତିହାସରେ ମେଜର ଭଳି ବ୍ରିଟିଶ୍ ସେନାବାହିନୀର କୌଣସି ଉଚ୍ଚପଦସ୍ଥ ଅଫିସର ପ୍ରଜାଙ୍କ ଦ୍ୱାରା ନିହତ ହୋଇ ନ ଥିଲେ । ଏହି ହତ୍ୟାକାଣ୍ଡ ଯୋଗୁଁ ପ୍ରବଳ ପ୍ରତାପୀ ବ୍ରିଟିଶ୍ ସରକାର ପ୍ରତିଶୋଧ ନେବାର ଆଶଙ୍କା ଥିବାରୁ ସମଗ୍ର ରଣପୁର ରାଜ୍ୟର ଆବାଳ ବୃଦ୍ଧ ବନିତା ନିଜ ନିଜର ଘରଦ୍ୱାର ଛାଡି ନିକଟସ୍ଥ ଖୋର୍ଦ୍ଧା ଖାସ୍‌ମାହାଲ୍ ଅଂଚଳରେ ଆଶ୍ରୟ ନେଇଥିଲେ । ଏହି ହତ୍ୟାକାଣ୍ଡ ଯୋଗୁଁ ବିପ୍ଳବର କର୍ଣ୍ଣଧାର ରଘୁନାଥ ମହାନ୍ତି ଓ ଦିବାକର ପରିଡ଼ାଙ୍କୁ ଫାଶୀ ଦଣ୍ଡ ଦିଆଯାଇଥିଲା ବିହାରର ଭାଗଲପୁର ଜେଲରେ ୧୯୪୧ ମସିହା ଅପ୍ରେଲ ୪ ତାରିଖରେ। ଆଜି ସେମାନଙ୍କର ବଳିଦାନର ୭୫ ତମ ବର୍ଷ ପାଳନ ହେଉଛି।

ତତ୍କାଳୀନ ବ୍ରିଟିଶ୍ ଶାସନ ଓ ରାଜଶାସନରେ ପ୍ରଜାମାନଙ୍କ ଅଧିକାର ବହୁ ପରିମାଣରେ ସଂକୁଚିତ ହୋଇଯାଇଥିଲା । ରାଜ୍ୟରେ ଥିବା ଗଛ ଓ ମାଛ ଉପରେ ପ୍ରଜାମାନଙ୍କର କୌଣସି ଅଧିକାର ନଥିଲା । ରାଜ୍ୟରେ ସଡ଼କ ନିର୍ମାଣ ହେଲେ, ରାଜା ଜଙ୍ଗଲକୁ ପାରିଧିରେ ଗଲେ ଲୋକମାନେ ବେଠିରେ ଯାଆନ୍ତି ଅର୍ଥାତ ମାଗଣାରେ କାମ କରନ୍ତି । ରଥଯାତ୍ରା, ରାସ ଯାତ୍ରା ଓ ବିଭିନ୍ନ ପର୍ବପର୍ବାଣିରେ ମଧ ବେଠି ହୁଏ । ମାଗଣାରେ କାମ କରିବାକୁ ବେଠି କୁହାଯାଏ । ଦଶହରା ଓ ସୁନିଆଁରେ ପ୍ରଜାମାନେ ବିଭିନ୍ନ ଦ୍ରବ୍ୟମାନ ଭେଟି ଆକାରରେ ରାଜାଙ୍କୁ ଦେଇଥାନ୍ତି । ପ୍ରତ୍ୟେକ ବର୍ଗର ଲୋକମାନେ କୌଳିକ ବୃତି ଅନୁଯାୟୀ ଭେଟି ଦେଇଥାନ୍ତି । ରାଜାଙ୍କର ବିବାହ ବ୍ରତ କାର୍ଯ୍ୟରେ ମାଗଣ ଓ ରସଦ ଆଦାୟ କରାଯାଏ । ପୋଲିସ ଓ ରାଜ କର୍ମଚାରୀମାନଙ୍କର ଅନ୍ୟାୟ ଜୁଲୁମ ବରଦାସ୍ତ କରିବାକୁ ଲୋକମାନେ ବାଧ ହୋଇଥାନ୍ତି । ଏପରିକି ଲୋକମାନେ ଯାଉଁଳି କବାଟ ଓ ଘୋଷରା ପାହାଚ ବ୍ୟବହାର କରିବା ନିଷିଦ୍ଧ ଥିଲା । ସେଥିପାଇଁ କୁହାଯାଉଥିଲା, "ଗଡ଼ଜାତେ ଯେବେ କରିବୁ ଘର, ଦାଣ୍ଡ ଘର ଖଣ୍ଡି ଅଛୁଆ କର।" ଖବରକାଗଜ, ପତ୍ରପତ୍ରିକା ମଗାଇବା କିଂବା ପଢ଼ିବା ବେଆଇନ୍ ଓ ଅପରାଧ ଥିଲା । ଅଥଚ ମାଘ ମାସରେ ରାଜାଙ୍କ ଇଷ୍ଟଦେବୀ ମଣିନାଗ ଦୁର୍ଗାଙ୍କ ନିକଟରେ ନରବଳି ଦେବା ଆଇନ୍‌ସିଦ୍ଧ ଥିଲା । ରଣପୁର ରାଜ୍ୟରେ ଏଭଳି କୁଶାସନ ଚାଲିଥିବାବେଳେ ରଘୁନାଥ ମହାନ୍ତି ତାଂକ ରଚିତ ଶର୍ବରୀବାଳା ପୁସ୍ତକର ମୁଖବନ୍ଧରେ ରାଜାଙ୍କୁ ସମାଲୋଚନା କରିଥିବା ଅଭିଯୋଗ ନେଇ ତାଙ୍କୁ ରଣପୁର ରାଜ୍ୟରୁ ବିତାଡ଼ିତ କରାଯାଇଥିଲା । ସେ ପୁରୀ ଓ କଟକ ଆଦି ସ୍ଥାନରେ ରହି ପ୍ରଜାମାନଙ୍କ ଆନ୍ଦୋଳନାତ୍ମକ ଖବର ସମ୍ବାଦ ପତ୍ରରେ ପ୍ରକାଶ କରାଉଥିଲେ। ରଣପୁର ନରେନ୍ଦ୍ର ପ୍ରେସରେ ସହକାରୀ ପରିଚାଳକ ଥିବା ଦିବାକର ପରିଡ଼ା ଏକ ସଡ଼କ ବେଠିର ଦୃଶ୍ୟ ଦେଖି ଚାକିରୀ ପରିତ୍ୟାଗ କରି ଆନ୍ଦୋଳନରେ ମାତିଲେ । ରାତିରେ ଗାଁ ଗାଁ ବୁଲି ଲୋକମାନଙ୍କୁ ମତାଇଲେ । ତିନି ଖଣ୍ଡ ପୁସ୍ତକ ଲେଖିଥିବା ଦିବାକରଙ୍କର 'ବିଦ୍ରୋହ' କବିତାର ସ୍ୱର ବେଶ୍ ତୀବ୍ରଥିଲା । ସେ ଲେଖିଥିଲେ: "ରଣପୁର ଭାଇ ଜାଗିଉଠ ଆଜି ଶୋଷଣ କଷଣ ବନ୍ଦୀଶାଳେ..ଭାଙ୍ଗି ଦିଅରେ ବଣ ଜଙ୍ଗଲର ଗଡ଼ଜାତି ରାଜ ବାହୁବଳେ।..ଅନ୍ଧାରି ଆଇନ ପୋଲିସ ଜୁଲୁମ ଦୁଃଖୀ ଜନତାର ନିର୍ଯ୍ୟାତନା ରଣପୁରେ ଦିଅ ରଣ ହୁଙ୍କାର ମଇନାକେ ଉଡୁ ମୁକ୍ତିବାନା" । ଦିବାକରଙ୍କ ସମସ୍ତ କବିତା ଅତ୍ୟନ୍ତ ପ୍ରାଣସ୍ପର୍ଶୀ ଥିଲା ।

ନିର୍ଜନ ରାତିରେ ଗାଁ ଗାଁ ବୁଲି ପ୍ରଜାମାନଙ୍କ ଚିନ୍ତା ଓ ଚେତନାକୁ ଜାଗ୍ରତ କରାଇ ରଘୁ-ଦିବାକର ବିପ୍ଳବର ଯେଉଁ ମଞ୍ଜି ବୁଣିଥିଲେ ତା'ର ଫଳସ୍ୱରୂପ ରାଜାଙ୍କୁ ପ୍ରଜାମଣ୍ଡଳ ଦମନ ନିମନ୍ତେ ବୌଦ୍ଧ ଓ ସିକନ୍ଦରାବାଦରୁ ପୁଲିସ୍ ଫୋର୍ସ ମଗାଇବାକୁ ପଡ଼ିଥିଲା । ଏପରିକି ୨୬ଟି ଗଡ଼ଜାତର ମୁଖ୍ୟ ପଲିଟିକାଲ ଏଜେଂଟ୍ ମେଜର ଆର.ଏଲ୍. ବେଜଲଗେଟ୍‌ଙ୍କୁ ୧୯୩୮ ମସିହା ଜାନୁଆରୀ ମାସ ୫ ତାରିଖ ଦିନ ରଣପୁର ଗଡ଼ ଆସିବାକୁ ପଡ଼ିଲା । ସେହିଦିନ ପ୍ରଜାମଣ୍ଡଳର ସଂପାଦକ ରଘୁନାଥ ମହାନ୍ତି ଓ ସଂଗଠନ ସଂପାଦକ ଦିବାକର ପରିଡ଼ା ରାଜବାଟୀ ସାମନାରେ ଉପସ୍ଥିତ ଜନତାଙ୍କ ମେଳରେ ଦେୱାନ ଚଣ୍ଡେଶ୍ୱର ମିଶ୍ରଙ୍କ ସହ ୨୬.୧୧.୧୯୩୮ ତାରିଖରେ ରାଜଦରବାରରେ ଘୋଷିତ ଦାବି ସମ୍ବନ୍ଧୀୟ ଘୋଷଣାପତ୍ରର ଆଲୋଚନାରେ ବ୍ୟାପୃତ ଥିଲେ । ମେଜର ବେଜଲଗେଟ୍ ସେଠାରେ ଉପସ୍ଥିତ ହେବାରୁ ଦେୱାନ ଇଂରାଜୀରେ ଅନୁବାଦ କରି ତାହା ବୁଝାଉଥିଲେ । ଏହି ସମୟରେ ଦେଖାଦେଲା ଏକ ଆଲୋଡ଼ନ। କିଛି ଉତ୍ୟକ୍ତ ଲୋକ ମଣିଷଟଣା ଶଗଡ଼ଗାଡ଼ିରେ ଲୋକଙ୍କୁ ଡକାଇ ଚିତ୍କାର କରୁଥିଲେ "ପଲିଟିନା ସାହେବ ଆମ ଭାଇକୁ ମାରିଦେଲା"। ଫଳରେ ଘଟଣାର କାରଣ କ'ଣ ଜାଣିବା ପାଇଁ ବେଜେଲଗେଟ୍ ଜନଗହଳି ଆଡ଼କୁ ମାଡ଼ି ଚାଲିଲେ । ସେଠାରେ ଠେଲାପେଲା ହୋହାଲ୍ଲା ମଧ୍ୟରେ ନିଜକୁ ନିୟନ୍ତ୍ରଣ କରିନପାରି ସାହେବ ପିସ୍ତଲ କାଢ଼ିଲେ ଓ ତା'ଙ୍କ ଗୁଳିରେ ଶିକାର ହେଲେ ଯୁବକ ଅର୍ଜୁନ ରାଉତ । ଏହା ପରେ ଉତ୍ୟକ୍ତ ଜନତା ମେଜର ବେଜଲଗେଟ୍‌ଙ୍କୁ ଠେଙ୍ଗାରେ ପିଟି ପିଟି ହତ୍ୟା କଲେ । ଏହି ହତ୍ୟାକାଣ୍ଡ ଯୋଗୁଁ କେବଳ ଭାରତ ନୁହେଁ ବ୍ରିଟିଶ ପାର୍ଲାମେଂଟ୍ ମଧ ଥରହର ହୋଇଥିଲା । ଏହା ପୂର୍ବରୁ ଭାରତର ସ୍ୱାଧୀନତା ସଂଗ୍ରାମରେ ପଲିଟିକାଲ ଏଜେଂଟ୍ ଭଳି ବ୍ରିଟିଶ ସରକାରଙ୍କ କୌଣସି ଉଚ୍ଚପଦସ୍ଥ ଅଫିସର ନିହତ ହୋଇନଥିଲେ । ବ୍ରିଟିଶ ପାର୍ଲାମେଂଟ୍‌ରେ ଜଣେ ସଦସ୍ୟ ପ୍ରଶ୍ନ କରିଥିଲେ, ପିସ୍ତଲ ଠାରୁ କ'ଣ ଠେଙ୍ଗା ଶକ୍ତିଶାଳୀ? ଏଣୁ ଠେଙ୍ଗାର ଶକ୍ତି ପରୀକ୍ଷା କରିବାକୁ ରଣପୁର ଜଙ୍ଗଲରୁ ପାଂଚଶହ ବାଉଁଶ ଠେଙ୍ଗା ଲଣ୍ଡନ ଯାଇଥିଲା । ଠେଙ୍ଗା ପରୀକ୍ଷା କରାଯିବା ପରେ ବିରୋଧିଦଳର ଜଣେ ସଦସ୍ୟ ଘୋଷଣା କରିଥିଲେ, ବେଜଲଗେଟ୍ ଲୋକଙ୍କ ରୁଦ୍ଧ ଅସନ୍ତୋଷର ଶିକାର ହେଲେ । ବେଜଲଗେଟ୍ ହତ୍ୟାକାଣ୍ଡ ପରେ ରଣପୁରରେ ଚାଲିଲା ଅକଥନୀୟ ଅତ୍ୟାଚାର ଓ ଦମନଲୀଳା। ସାରା ରାଜ୍ୟର ଲୋକ ଘରଦ୍ୱାର ଛାଡ଼ି ନିକଟସ୍ଥ ଖାସମାହାଲ ଓ ନୟାଗଡ଼ ଖଣ୍ଡପଡ଼ା ରାଜ୍ୟରେ ଆଶ୍ରୟ ନେଇଥିଲେ । ହତ୍ୟାକାଣ୍ଡ ଜାନୁଆରୀ ୫ ତାରିଖ ଦିନ ହୋଇଥିଲେ ହେଁ ତା'ପର ମାସ ଫେବୃଆରୀ ୯ ତାରିଖରେ ଏତଲା ଦିଆଯାଇଥିଲା । ରଘୁ ଦିବାକରଙ୍କ ନାମରେ ମିଥ୍ୟା ସାକ୍ଷୀ ଯୋଗାଡ଼ କରାଯାଇ ମକଦ୍ଦମା ଚାଲିଲା । ବିହାର ଗୟା ଜିଲାର ଗୋରା ଦୌରାଜଜ ଜେ.ଜେ. ସିଅରଙ୍କ କୋର୍ଟରେ ବିଚାରର ପ୍ରହସନ ଚାଲିଲା । ଶେଷରେ ରଘୁ-ଦିବାକରଙ୍କୁ ଫାଶୀ ଦଣ୍ଡାଦେଶ ହେଲା । ସେମାନେ ଆମର ନମସ୍ୟ। ସେମାନେ ରାଜତନ୍ତ୍ର ଲୋପ କରି ଏକ ଶୋଷଣ ବିହୀନ ମାନବ ସମାଜ ପ୍ରତିଷ୍ଠା କରିବାକୁ ଚାହୁଁଥିଲେ । ସତରେ ଏହା ହେଇଛି ତ?




**ସତ୍ୟବାଦୀ ବଳିଆରସିଂହ**, ଉପଦେଷ୍ଟା, ଶହୀଦ ରଘୁ ଦିବାକର ସ୍ମୃତି କମିଟି, ଗଡ଼ବାଣୀକିଲୋ, ରାଜରଣପୁର-୭୫୨୦୨୬, ଶୂନ୍ୟଭାଷ: ୯୨୩୭୦୮୯୫୦୯

## 'ଆହ୍ୱାନ' ନାଟ୍ୟସଂସ୍ଥା ପକ୍ଷରୁ ବିଶ୍ୱନାଟ୍ୟ ଦିବସ ଓ ବାର୍ଷିକୋତ୍ସବ ପାଳନ

ଯାଜପୁର (ପିଏନ୍): ଆହ୍ୱାନ ନାଟ୍ୟସଂସ୍ଥା ପକ୍ଷରୁ ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ ଠାରେ ବିଶ୍ୱନାଟ୍ୟ ଦିବସ ଓ ନବମ ବାର୍ଷିକୋତ୍ସବ ପାଳନ କରାଯାଇଥିଲା। ଏହି ଉପଲକ୍ଷେ ଯାଜପୁର ଶ୍ରୀରାମ ମନ୍ଦିର ଠାରୁ କଳାକାର ମାନଙ୍କର ଏକ ରାଲି ବାହାରି ସଂସ୍କୃତି ଭବନ ପରିସରରେ ପହଞ୍ଚିଥିଲା। ସଂଗଠନର ସମ୍ପାଦକ ପାଣ୍ଡବ ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ପୂର୍ବାହ୍ନରେ 'ନାଟକ କ୍ଷେତ୍ରରେ ଯୁବ ପିଢ଼ିଙ୍କ ଭୂମିକା' ସଂପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚନାଚକ୍ରରେ ବିଶିଷ୍ଟ ନାଟ୍ୟକାର ତଥା ନାଟ୍ୟ ନିର୍ଦ୍ଦେଶକ ଡା. ରାଜକିଶୋର ପଣ୍ଡା ଯୋଗଦେଇ ଯୁବକ ଓ ଛାତ୍ରମାନେ କିଭଳି ନାଟକ ସହିତ ଜଡିତ ହେବେ, ସେ ସମ୍ବନ୍ଧରେ ଉପାଦେୟ ପରାମର୍ଶ ଦେଇଥିଲେ। ସଂପାଦକ ବିଶ୍ୱଜିତ ସାହୁଙ୍କ ସଂପାଦନାରେ ସମାଜସେବୀ ହୃଷିକେଶ ପତି, ନାଟ୍ୟ ନିର୍ଦ୍ଦେଶକ ପ୍ରବୀର କୁମାର ଜେନା, କାର୍ଯ୍ୟକାରୀ ଉପସଭାପତି ବିଷ୍ଣୁ ଚରଣ ଦଳାଇ ପ୍ରମୁଖ ଯୋଗଦେଇଥିଲେ। ଉପସ୍ଥିତ ଦର୍ଶକ ତଥା ଯୁବକ ଓ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ନାଟକ ସଂପର୍କରେ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟା ଅଧିବେଶନରେ ଯାଜପୁର ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅକ୍ଷୟ କୁମାର ମଲ୍ଲିକ ମୁଖ୍ୟଅତିଥିଭାବେ ଯୋଗଦେଇ ମା' ବିରଜାଙ୍କ ଫଟୋରେ ମାଲ୍ୟାର୍ପଣ ପୂର୍ବକ ଉତ୍ସବର ଉଦ୍‌ଘାଟନ କରିବା ସହିତ ଯାଜପୁରରେ ଏକ ଆର୍ଟ ଏଣ୍ଡ କଲଚର ହବ୍ ପ୍ରତିଷ୍ଠା କରିବା ପାଇଁ କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇଛି ବୋଲି ପ୍ରକାଶ କରିଥିଲେ। ଉପସଭାପତି ପାଣ୍ଡବ ଚରଣ ସାହୁ ଅତିଥିମାନଙ୍କୁ ସ୍ୱାଗତ କରିଥିବାବେଳେ ସମାଜସେବୀ ହୃଷିକେଶ ପତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଡଭୋକେଟ୍ ବିଷ୍ଣୁ ଚରଣ ଦଳାଇ ସଭାପତିତ୍ୱ କରିଥିଲେ ଏବଂ ସଂପାଦକ ବିଶ୍ୱଜିତ୍ ସାହୁ ସଂପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ମନୋରଂଜନ ମହାନ୍ତି ଯୋଗଦେଇ ନାଟକ ଜୀବନ ଓ ଜଗତର କର୍ଣ୍ଣଧାର ଟଙ୍କଧର ଓ ନୀତି ନିର୍ଦ୍ଧାରଣ କରିଥାଏ ବୋଲି ପୃଥିବୀର ଅନେକ ପ୍ରସିଦ୍ଧ ନାଟ୍ୟକାରଙ୍କ ଉଦାହରଣ ଦେଇ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥିଭାବେ ଯାଜପୁରର ପୂର୍ବତନ ପୌରାଧକ୍ଷ ସନ୍ତୋଷ କୁମାର ମଲ୍ଲିକ, ଅନନ୍ୟା ସାହିତ୍ୟ ସଂସଦର ସଭାପତି ସନ୍ତୋଷ କୁମାର ନନ୍ଦ, ସମାଜସେବୀ ନିରାକାର ସାହୁ, ନାଟ୍ୟକାର ପ୍ରବୀର ଜେନା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ 'ଆହ୍ୱାନ'ର ଦିବଂଗତ କଳାକାରଙ୍କ ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ଜାତିରପିତା ମହାତ୍ମାଗାନ୍ଧୀଙ୍କର ଓଡ଼ିଶା ଆଗମନର ୧୦୦ ବର୍ଷ ପୂର୍ତ୍ତି ଅବସରରେ ନାଟ୍ୟକାର ବିଶ୍ୱଜିତ୍ ସାହୁଙ୍କ ଲିଖିତ ନିର୍ଦ୍ଦେଶିତ 'ଯଦି ଏମିତି ବି ହୁଏ ' ନାଟକ ମଞ୍ଚସ୍ଥ ହୋଇଥିଲା। ଏହି ନାଟକରେ ଅତିଶ କୁମାର ମହାନ୍ତି, ଶୁଭ୍ରଜିତ୍ ସାହୁ, ଶ୍ରୀକାନ୍ତ ଜେନା, ପାଣ୍ଡବ ଚରଣ ସାହୁ, ପ୍ରଦୀପ ରାଉତ, ଅକ୍ଷୟ ପୃଷ୍ଟି, ରବୀନ୍ଦ୍ର ରାଉତ, ରତିକାନ୍ତ ମଲ୍ଲିକ, ଶ୍ରୀକାନ୍ତ ଜେନା (ସୁନନ୍ଦ), ପ୍ରିୟଙ୍କା ପ୍ରିୟଦର୍ଶିନୀ, ଦିଲ୍ଲୀପ ଜେନା, ଭାସ୍କର ଜେନା, ମନୋଜ ସାହୁ, ସନ୍ତୋଷ ପଣ୍ଡା, ଜୟଦେବ ରାଉତ, ଦିବାକର ଜେନା, ନରେଶ ସାହୁ, ପଞ୍ଚାନନ ବେହେରା, କବିତା ମିଶ୍ର, ଅନୁସୂୟା ମହାପାତ୍ର, ତିଳୋତ୍ତମା ଜେନା, ରୀତା ରାଉତ, ସସ୍ମିତା, ଜ୍ୟୋତ୍ସ୍ନା ମହାପାତ୍ର, ରୀନାରାଣୀ ବାରିକ, ଶଶୀ ସାମଲ, ସତ୍ୟଜିତ୍ ସାହୁ, ରାଜେନ୍ଦ୍ର ସାହୁ, ସୌମ୍ୟଜିତ୍ ସାହୁ, ନମିତା ମିଶ୍ର, ସୌମ୍ୟ ପ୍ରିୟଦର୍ଶିନୀ, ଅନନ୍ୟା ବାରିକ, ଅରୋପ୍ରିୟା ମହାନ୍ତି, ପ୍ରିୟଙ୍କା, ପ୍ରଜ୍ଞା ରାଉତ, ସୌମ୍ୟସ୍ମିତା ମିଶ୍ର, ଅର୍ପିତା ଧଳ, ନମ୍ରତା ମହାପାତ୍ର, ଖୁସି, ନଟବର ଜେନା, ମଧୁସ୍ମିତା ବାରିକ, ରିତେଶ ମହାପାତ୍ର, ପ୍ରମୁଖ ଅଭିନୟ କରିଥିଲେ। ଶବ୍ଦ ଓ ଆଲୋକ ସଜ୍ଜାରେ ଶଙ୍କର ଚିତ୍ରାଳୟ, ରୂପ ସଜ୍ଜାରେ ସୁବାଷ ଦାସ ଓ ଉପଦେଷ୍ଟା ଡା. ସୁପ୍ରକାଶ ଶତପଥି ଏବଂ ନବକିଶୋର ଦାସ, ସୁବାସ ମହାପାତ୍ର, ମଧୁସୂଦନ ଜେନା, ରବୀନ୍ଦ୍ର ମହାରଣା ପ୍ରମୁଖ ନାଟକରେ ସହଯୋଗ ଓ ସମୀକ୍ଷା କରିଥିଲେ। ସର୍ବଶେଷରେ ଅକ୍ଷୟ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।


## DISPLAY CLASSIFIED

**FOR ADVERTISEMENT CONTACT**
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

**ADMISSION ON**
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

**VED BHAWAN**
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Phagun Communication

**ADMISSION ON**
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ସ୍ୱାଧୀନତାର ୭୩ବର୍ଷ ପରେ ସରକାରଙ୍କ ବିକାଶର ବିକଳ ଚିତ୍ର : ଓଏମ୍‌ସି ପୋଷ୍ୟ ଗ୍ରାମର ଅଧିବାସୀ ପିଉଛନ୍ତି ନାଳ,ଚୁଆ ଓ ପୋଖରୀ ପାଣି

କେନ୍ଦୁଝର:(ପି.ଏନ୍.):ସରକାରଙ୍କ ୫-ଟି ଅଧିନରେ ପୁରୀ ସହରରେ ଟ୍ୟାପ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରି, ସରକାର ବିକାଶର ଡିଣ୍ଡିମ ପିଟୁଥିବା ବେଳ କେନ୍ଦୁଝର ଭଳି ଏକ ଧନୀ ଜିଲ୍ଲାର ଅଧିକାଂଶ ଅଂଚଳର ଲୋକମାନଙ୍କ ପାଇଁ ବିଶୁଦ୍ଧ ତ ଦୂରରକଥା ପିଇବା ପାଣି ଟୋପାଏ ମିଳିବା ଏକ ପ୍ରକାର ସ୍ୱପ୍ନ ହୋଇଛି । ଖଣି ପାରିପାର୍ଶ୍ୱିକ ଗାଁରେ ଡିଏମଏଫ ପକ୍ଷରୁ ଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିଲେ ହେଁ ଏହି ଗାଁରେ ବିଶୁଦ୍ଧ ପାନୀୟ ଜଳ ସ୍ୱପ୍ନ ପାଲଟିଛି । ଜିଲ୍ଲାର ଅନେକ ଅଂଚଳରେ ସରକାରଙ୍କର ଲୋକାଭିମୁଖୀ ଯୋଜନା ଏବେବି ଅପହଂଚ । ସର୍ବନିମ୍ନ ମୌଳିକ ସୁବିଧା ତ ଦୁରର କଥା ଜିଲ୍ଲାର ଆଦିବାସୀ ମାନଙ୍କ ଭାଗ୍ୟରେ ଆଜି ବି ପିଇବାକୁ ଶୁଦ୍ଧ ପାଣି ଟୋପାଏ ମିଳିବା ସାତସପନ ହୋଇଛି । ଫଳରେ ପିଇବା ପାଣି ତ ଦୂରର କଥା ଶୌଚ ହେବାକୁ ବି ବ୍ୟବହାର ଅନୁପଯୁକ୍ତ ଅଳିଆ ଅବର୍ଜନାମଯୁକ୍ତ ଦୂଷିତ ମଇଳା ପାଣି ପିଇ ସେମାନଙ୍କୁ ବଂଚିବାକୁ ପଡୁଛି । ଭାତ ହାଣ୍ଡିରୁ ଗୋଟିଏ ଏଭଳି ଏହି ଗାଁ ଟିଏ ନାମ ଉପରକଇଁସାରୀ । କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ମାତ୍ର ୧୭କି.ମି ଦୂର ବାଂଶପାଳ ବ୍ଲକରେ ରହିଛି ଉପରକଇଁସାରୀ ଗାଁ ।



ସ୍ୱାଧୀନତାର ୭୧ବର୍ଷ ପରେ ମଧ୍ୟ ଏହି ଗାଁ ଲୋକେ ଏବେ ବି ଜଙ୍ଗଲିଆ ନାଳ ,ଚୁଆ ଓ ପୋଖରୀର ଗୋଳିଆ ଦୂଷିତ ପାଣି ପିଇ ସେମାନଙ୍କ ଶୋଷ ମେଂଟାଉଛନ୍ତି । ଏହାଠାରୁ ବଳି ଲଜ୍ୟାଜନକ ଘଟଣା ଆଉ କଣ ବା ଥାଇପାରେ ? ଏସିଆ ମହାଦେଶର ସବୁଠାରୁ ଅଧିକ ଉନ୍ନତମାନର ଖଣିଜ ସମ୍ପଦ ଗଛିତ ଥିବା ଏକ ଧନୀ ଜିଲ୍ଲା ହେଉଛି କେନ୍ଦୁଝର । ଏହି ଜିଲ୍ଲାରୁ ରାଜ୍ୟ ଓ କେନ୍ଦ୍ର ସରକାର କୋଟିକୋଟି ଟଙ୍କାର ରାଜସ୍ୱ ପାଉଛନ୍ତି । ଏହି ଜିଲ୍ଲାର ଅର୍ଥ ଅନ୍ୟ ଜିଲ୍ଲାର ଆଲୋକ ଓ ରାସ୍ତାଘାଟର ସୌନ୍ଦର୍ଯ୍ୟ କରଣରେ ବିନିଯୋଗ ହେଉଅଛି । ହେଲେ ଜିଲ୍ଲାର ଖଣି ତଳିଆ ଅଂଚଳର ଗ୍ରାମବାସୀ ଆଜି ବି ସର୍ବନିମ୍ନ ମୌଳିକ ସୁବିଧାରୁ ବଂଚିତ । ଏଭଳି ଏକ ଗ୍ରାମ ହେଉଛି ଶୁଆକାଟୀସ୍ଥିତ ଓଡିଶା ଖଣି ନିଗମ ଦ୍ୱାରା ପରିଚାଳିତ ଗନ୍ଧମାର୍ଦ୍ଦନ ଲୌହ ଖଣି ତଳେ ରହିଥିବା ଗାଁ ଉପରକଇଁସାରୀ । କେନ୍ଦୁଝର ଜିଲ୍ଲାର ଆଦିବାସୀ ବହୁଳ ବାଂଶପାଳ ବ୍ଲକର ଉପରକଇଁଶାରୀ ଗାଁ । ଏହି ଗ୍ରାମରେ ରୁହନ୍ତି ୧୦୦ରୁ ଉର୍ଦ୍ଧ ପରିବାରର ୩୦୦ରୁ ଉର୍ଦ୍ଧ ଲୋକ । ଏହି ଗ୍ରାମର ପ୍ରାୟ ସମସ୍ତେ ଶ୍ରମିକ ଶ୍ରେଣୀର ଲୋକ ,ଯେଉଁମାନେ ବାର ଦୂଆରେ ମୂଲ ମଜୁରୀ କରି କିମ୍ବା ଜଙ୍ଗଲରୁ କାଠ, ପତ୍ର ସଂଗ୍ରହ କରି ଗୁଜୁରାଣ ମେଂଟାଇଥାନ୍ତି । ଏହି ଗାଁରେ ରହିଛି ମାତ୍ର ଗୋଟିଏ ନଳ କୂପ ଯେଉଁଥିରୁ ପାଣି ବାହାରେ ନାହିଁ । ବର୍ଷ ବର୍ଷ ଧରିଶୁଦ୍ଧ ପିଇବା ପାଣି ଟୋପାଏ ଏମାନଙ୍କ ଭାଗ୍ୟରେ ଜୁଟେ ନାହିଁ । ଫଳରେ ଗ୍ରାମଠାରୁ ଦୁଇ କିଲୋମିଟର ଦୂର ଜଙ୍ଗଲ ମଧ୍ୟରେ ଥିବା ଏକ ନାଳରୁ ଚୁଆ ଖୋଳି ପାଣି ସଂଗ୍ରହ କରି ବ୍ୟବହାର କରନ୍ତି । ଯେଉଁ ଚୁଆର ପାଣି କାଦୁଅ ଓ ମଇଳାଯୁକ୍ତ ଦୂଷିତ । ଯାହାକି ଶୌଚ କରିବା ଯୋଗ୍ୟ ନହେଲେ ବି ଗାଁ ଲୋକେ ବାଧ୍ୟ ହୋଇ ବ୍ୟବହାର କରିଥାନ୍ତି । ଏବଂ ବିଭିନ୍ନ ଅଜଣା ରୋଗରେ ଆକ୍ରାନ୍ତ ହେଉଛନ୍ତି । ଲୋକଙ୍କ ପାଖରେ ଚିକିତ୍ସା ପାଇଁ ଅର୍ଥ ନଥିବାରୁ ସେମାନେ ଚେଙ୍ଗ ଆଦି ଭଳି କୁତ୍ସିତ ଅନ୍ଧ ବିଶ୍ୱାସକୁ ଆପଣାଇ ଜୀବନ ହାରାଉଥିବା ବେଳେ କେତେକ ମୃତ୍ୟୁ ଅପେକ୍ଷାରେ ମଧ୍ୟ ରହିଛନ୍ତି । ଗ୍ରାମ ନିକଟସ୍ଥ କାଦୁଅପୂର୍ଣ୍ଣ ପୋଖରି ପାଣିରେ ଏମାନେ ଗାଧୁଆ ପାଧୁଆ କରିଥାନ୍ତି । ଏହି ଗ୍ରାମଟି କୁଆଡେ ଓଡିଶା ଖଣି ନିଗମର ପୋଷ୍ୟ ଗ୍ରାମ । କିନ୍ତୁ କାମ ହାସଲ ଉଦ୍ଦେଶ୍ୟରେ ଲୋକଙ୍କୁ ଭ୍ରମିତ କରି ଗାଁ ନିକଟରେ ତିଆରି କରିଛି ଡମ୍ପିଂୟାର୍ଡ । ଯାହାର କାନଫଟା ଶବ୍ଦ ଲୋକଙ୍କର ନିଦ ହଜାଇ ଦେଇଥିବା ବେଳେ ସେଥିରୁ ଉଡୁଥିବା ପ୍ରବଳ ଧୂଳି ଲୋକଙ୍କୁ ଅଣନିଶ୍ୱାସୀ କରିପକାଉଛି । ସେହି ଧୂଳିରେ ଗାଁ ପୋଖରୀର ଜଳକୁ ଦୂଷିତ ନାଲି ରଙ୍ଗରେ ରୂପାୟତ କରିଦେଇଛି । ହେଲେ ଓଏମ୍‌ସି ଧର୍ମକୁ ଆଖିଠାର ମାରିଲା ଭଳି ଗ୍ରାମରେ ପାଣି ଯୋଗାଇ ଦେବାକୁ ଏକ ଟ୍ୟାଙ୍କର ର ବ୍ୟବସ୍ଥା କରିଛି ଅବଶ୍ୟ କିନ୍ତୁ ସେଥିରୁ ସମସ୍ତଙ୍କୁ ପାଣି ମିଳେନାହିଁ । ଯାହା ବି ମିଳେ ତା ପୁଣି ଦିନେ ମିଳିଲେ ଦୁଇ ଦିନ ନାହିଁ ବୋଲି କହିଛନ୍ତି ସୁବାସୀ ଦେହୁରୀ ,ମହାନ୍ତି ଦେହୁରୀ , କୁଶଳା ନାୟକ ପ୍ରମୁଖ ଅନେକ । ଏପରିକି ଆଜି ବି ରୋଗାଗ୍ରସ୍ତ ଦୀନବନ୍ଧୁ ଦେହୁରୀ ସୁସ୍ଥହୋଇ ବଂଚିବାକୁ ସଂଗ୍ରାମ କରୁଛି । ତେବେ ଏହା କଣ ଓଏମ୍‌ସିର ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକୁ ନେଇ ଉଠିଛି ପ୍ରଶ୍ନ । ଗ୍ରାମର ପାନୀୟଜଳ ଓ ସ୍ୱାସ୍ଥ ସମାସ୍ୟା ଆଦିକୁ ନେଇ ସରପଂଚ ଚୈତନ୍ୟ ମଲ୍ଲିକ ସ୍ୱୀକାର କରିଥିବା ବେଳେ ବାଂଶପାଳ ବିଡିଓ କେବଳ ନଳକୂପ ଓ ସୋଲାର ପାଣି ଯୋଗାଣର ପାଇଁ ଅଚଳ ହୋଇ ପଡିଥିବା ସୋଲାର ପମ୍ପ ମରାମତି ପାଇଁ ପଦକ୍ଷପ ନେବେ ବୋଲି କହିଛନ୍ତି ।

## ହରିଚନ୍ଦନପୁର ପ୍ରେସ୍ କ୍ଲବ ପକ୍ଷରୁ ବୃକ୍ଷ ରୋପଣ

କେନ୍ଦୁଝର:(ପି.ଏନ୍.): ହରିଚନ୍ଦନପୁର ବ୍ଲକ ଠାକୁରପଡା ଗ୍ରାମ ପଂଚାୟତ ଗଣ୍ଡଡିହା ଗ୍ରାମରେ ପ୍ରେସ୍ କ୍ଲବ ଓ ହରିଚନ୍ଦନପୁର ଫରେଷ୍ଟ ବିଭାଗର ମିଳିତ କ୍ରମେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଭିନ୍ନ ପ୍ରକାର ଗଛ ଯଥା- ପିଜୁଳି, ଶାଗୁଆନ୍, ଚମ୍ପା, ଅଶ୍ୱସ୍ତ, କର, ଅଁଳା, ବଉଳ, ଗମ୍ଭାରୀ, ଜାମୁ, କଦମ୍ବ, ଆକାଶିଆ, କୃଷ୍ଣଚୂଡା ଆଦି ଔଷଧୀୟ ବୃକ୍ଷ ରୋପଣ କରାଯାଇଥିଲା । ସାରା ବିଶ୍ୱକୁ ସବୁଜ ସୁନ୍ଦର କରିବାର ସଙ୍କଳ୍ପ ନେଇ ପରିସର ମଧ୍ୟରେ ବୃକ୍ଷ ରୋପଣ କରାଯାଇଥିଲା । ଦିନକୁ ଦିନ ପରିବେଶ ପ୍ରଦୂଷଣ ହେଉଥିବାରୁ ଏହାକୁ ନିୟନ୍ତ୍ରଣ କରିବା ପାଇଁ ଗଛ ଲଗାଇ ପରିବେଶ ସୁରକ୍ଷା ଦିଗରେ ସମସ୍ତେ ସଜାଗ ହେବାକୁ ପଡିବ । ବର୍ତ୍ତମାନ ସାରା ବିଶ୍ୱରେ କରୋନା ବିପତ୍ତି ସମୟରେ ଲୋକେ ଅମ୍ଳଜାନ ଅଭାବ ଯୋଗୁଁ ମୃତ୍ୟୁ ମୁଖରେ ପଡୁଛନ୍ତି । ଏଣୁ ବୃକ୍ଷ ଲଗାଇ ପରିବେଶକୁ ସୁସ୍ଥ ରଖିବା ସହିତ ଅମ୍ଳଜାନ ଅଭାବ ଦୂର କରାଯାଇ ପାରିବ ବୋଲି ମତ ଦେଇଥିଲେ । କାର୍ଯ୍ୟକ୍ରମରେ ଫରେଷ୍ଟର ଡମ୍ବରୁଧର ମହାନ୍ତ, ଫରେଷ୍ଟ ଗାର୍ଡ ପ୍ରିୟଦର୍ଶିନୀ ଜେନାଙ୍କ ସହିତ ପ୍ରେସ୍ କ୍ଲବର ସଭାପତି ପ୍ରଶାନ୍ତ କୁମାର ନାଏକ,ସମ୍ପାଦକ ଶ୍ରୀନିବାସ ପାଇକରାୟ, ପ୍ରେମାନନ୍ଦ ଦାସ,ରାମଚନ୍ଦ୍ର ନାଏକ, ପରେଶ କୁମାର ସେଠୀ, ଲକ୍ଷ୍ମଣ କୁମାର ମହାନ୍ତ, ଅନିଲ ସାହୁ, କୃଷ୍ଣଚନ୍ଦ୍ର ବେହେରା, ଭବାନୀ ପ୍ରସାଦ ମହାନ୍ତ, ଘନଶ୍ୟାଣ ଜେନା, ନିଗମ ପ୍ରସାଦ ସାହୁ, ଉଦୟନାଥ ପାତ୍ର, ମନୋଜ ମହାନ୍ତ, ଉତ୍ତମ କୁମାର ଗିରୀ, ନିତ୍ୟାନନ୍ଦ ସାହୁ, ଦୁଷ୍ମନ୍ତ ମହାକୁଡଙ୍କ ସହ ୨୦ରୁ ଉର୍ଦ୍ଧ୍ୱ ଗଣମାଧମ ପ୍ରତିନିଧି ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ଯୁବକର ମୃତଦେହ ଉଦ୍ଧାର

କେନ୍ଦୁଝର:(ପି.ଏନ୍.):କେନ୍ଦୁଝର ଜିଲ୍ଲା ଦୈତାରୀ ଥାନା ଅନ୍ତର୍ଗତ ମସିଣାଯୋଡି ଗ୍ରାମ ପୋଖରୀରୁ ଜଣେ ଯୁବକର ମୃତଦେହ ଉଦ୍ଧାର କରାଯାଇଛି । ମୃତ ଯୁବକ ଜଣକ ସେହି ଗ୍ରାମର ଯୁବରାଜ ମୁଣ୍ଡା ବୋଲି ଜଣାପଡିଛି । ଯୁବରା ଗତକାଲି ୪ଟା ବେଳେ ଗ୍ରାମ ପୋଖରୀକୁ ଗାଧୋଇବା ପାଇଁ ଯାଇଥିବା ବେଳେ ଆଉ ଫେରି ନଥିଲେ । ବହୁ ସମୟ ଧରି ପୁଅ ଘରକୁ ନ ଫେରିବା ଦେଖି ପୋଖରୀରେ ଖୋଜାଖୋଜି କରିଥିଲେ । ନ ପାଇବାରୁ ହରିଚନ୍ଦନପୁର ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ଅଗ୍ନିଶମ ବାହିନୀ ବହୁ ଖୋଜାଖୋଜି କରିବା ପରେ ରାତି ୧୦ଟା ବେଳେ ପୋଖରୀରୁ ଯୁବକଙ୍କୁ ମୃତ ଅବସ୍ଥାରେ ଉଦ୍ଧାର କରିଥିଲେ । ମୃତ୍ୟୁର କାରଣ ଜଣାପଡି ନଥିବା ବେଳେ ପୋଲିସ୍ ତଦନ୍ତ ଚଳାଇଛି ।

## ସପ୍ତାହରେ ଦୁଇଦିନ ଆଉଟ୍ ଡୋର ବନ୍ଦ, ମା' ଓ ଶିଶୁ ୱାର୍ଡରେ ଅବ୍ୟବସ୍ଥା

କେନ୍ଦୁଝର:(ପି.ଏନ୍.): ମା' ଓ ନବଜାତ ଶିଶୁଙ୍କୁ ଉନ୍ନତ ଚିକିତ୍ସା ସେବା ଯୋଗାଇ ଦେବାପାଇଁ ସରକାରଙ୍କ ପକ୍ଷରୁ ବିପୁଳ ଅର୍ଥ ବ୍ୟୟ କରାଯାଉଛି । ତୃଣମୂଳ ସ୍ତରରେ ଏହାର ଉଚିତ୍ ତଦାରଖ କରାଯାଉ ନଥିବାରୁ ଲୋକେ ଉପଯୁକ୍ତ ଚିକିତ୍ସା ସେବା ପାଇବାରୁ ବଞ୍ଚିତ ହେଉଛନ୍ତି । ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ପ୍ରତିଷ୍ଠା କରାଯାଇଥିବା ସ୍ୱତନ୍ତ୍ର ମା' ଓ ଶିଶୁ ୱାର୍ଡରେ ସପ୍ତାହରେ ଦୁଇଦିନ ଆଉଟ୍ ଡୋର ବନ୍ଦ ରହୁଥିବାରୁ ପ୍ରସୂତୀମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଆଉଟ୍ ଡୋରରେ ତାଲା ଝୁଲୁଥିବାରୁ ଦୂରଦୂରାନ୍ତରୁ ଆସୁଥିବା ପ୍ରସୂତୀମାନେ ସ୍ୱାସ୍ଥ୍ୟ ସେବା ନପାଇ ନିରାଶ ହୋଇ ଫେରୁଥିବା ଦେଖିବାକୁ ମିଳିଛି । ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନା ଉପରେ କେନ୍ଦୁଝର ଜିଲ୍ଲା ସମେତ ମୟୁରଭ, ଭଦ୍ରକ, ଯାଜପୁର ଜିଲ୍ଲାର ୧୦ଲକ୍ଷରୁ ଉଦ୍ଧ୍ୱ ଲୋକ ନିର୍ଭର କରୁଛନ୍ତି । ଏଠାରେ ୫୦ ଶଯ୍ୟା ବିଶିଷ୍ଟ ସ୍ୱତନ୍ତ୍ର ଆତ୍ୟାଧୁନିକ ମା' ଓ ଶିଶୁ ୱାର୍ଡ ପ୍ରତିଷ୍ଠା କରାଯାଇଛି । କିଛିମାସ ହେଲା ସପ୍ତାହର ଶନିବାର ଓ ମଙ୍ଗଳବାର ଆଉଟ୍ ଡୋର ବନ୍ଦ ରହୁଛି । ଏହି ଦୁଇଦିନ ପ୍ରସୂତୀମାନେ ଡାକ୍ତରଖାନା ଆସି ଫେରୁଛନ୍ତି । କିଛି ଲୋକ ବାଧ ହୋଇ ଘରୋଇ କ୍ଲିନିକ୍‌କୁ ଯାଇ ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି । ଏ ନେଇ ହସ୍ପିଟାଲ ପରିଚାଳକ ଅବିନାଥ ଧଳଙ୍କୁ ପଚାରିବାରୁ ସେ ଜାଣିନଥିବା କହିଛନ୍ତି । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

## ବଡପଡା ସମବାୟ ସମିତିରେ ସମ୍ପାଦକ ନିଯୁକ୍ତି ଘଟଣା

କେନ୍ଦ୍ରାପଡ଼ା :କେନ୍ଦ୍ରାପଡା ଜିଲ୍ଲାର ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବଡପଡା ପ୍ରାଥମିକ କୃଷି ସମବାୟ ସମିତିରେ ବେଆଇନ ଭାବେ ଜନୈକ କଂଟ୍ରୋଲ ଡିଲରଙ୍କୁ ଗତ ୨୦୧୬ମସିହାରେ ପ୍ରଥମେ ଡାଟା ଏଣ୍ଟ୍ରି ଅପରେଟର ଭାବେ ନିଯୁକ୍ତି ପ୍ରଦାନ କରାଯିବା ପରେ ଗତ ୨୦୧୯ ମସିହାରେ ସହ ସମ୍ପାଦକ ଭାବେ କାର୍ଯ୍ୟ କରିବାକୁ ଅନୁମତି ଏବଂ ପରବର୍ତ୍ତି ସମୟରେ ୨୦୨୦ମସିହା ଜାନୁଆରୀମାସରେ ସେହି ଡିଲର କୃଷ୍ଣ ଜୀବନ ଦାଶଙ୍କୁ ସମ୍ପାଦକ ଭାବେ ଦାୟୀତ୍ୱ ପ୍ରଦାନ ଘଟଣାକୁ ନେଇ ବଡପଡାର ଅଜୟ ସାହୁ ଏଲ.ଓ୍ୱାଇ.-୨୨୩/୨୦୨୦ରେ ଏବଂ ଜ୍ୟୋତିପ୍ରକାଶ ପ୍ରଧାନ ଏଲ.ଓ୍ୱାଇ.-୧୦୪୩/୨୦୨୦ରେ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀ ଅର୍ଥ ବିନିମୟରେ ବେଆଇନ ଭାବେ ଏଭଳି କାର୍ଯ୍ୟ କରିଥରବା ନେଇ ଓଡିଶା ଲୋକାୟୁକ୍ତଙ୍କ ନିକଟରେ ୨ଟି ମାମଲା ରୁଜୁ କରିଥିଲେ । ଏହି ମାମଲାରେ ଚଳିତମାସ ୨୭ତାରିଖରେ ବଡପଡା ସମବାୟ ସମିତିର ପ୍ରଶାସକଙ୍କୁ ବିକାଶ କୁମାର ତରାଇଙ୍କୁ ଲୋକାୟୁକ୍ତଙ୍କ ନିକଟରେ ହାଜର ହେବାକୁ ପୂର୍ବରୁ ନୋଟିସ କରାଯାଇଥିଲା । ଏହି ମାମଲାର ଶୁଣାଣି କରି ଲୋକାୟୁକ୍ତ ୨ସପ୍ତାହ ମଧ୍ୟରେ ବଡପଡା ପ୍ରାଥମିକ କୃଷି ସମବାୟ ସମିତିର ସମ୍ପାଦକ ପଦ ପୁରଣ ପାଇଁ ନୂତନ ବିଜ୍ଞାପନ ପ୍ରକାଶ କରି ପଦ ପୁରଣ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହିତ ଆସନ୍ତା ସେପ୍ଟେମ୍ବରମାସ ୧୩ତାରିଖ ସୁଦ୍ଧା ଗ୍ରହଣ କରାଯାଇଥିବା କାର୍ଯ୍ୟାନୁଷ୍ଠାନର ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ସମବାୟ ସମିତି ଆଇନରେ ପ୍ରଥମେ ଡାଟା ଏଣ୍ଟ୍ରି ଅପରେଟର ଭାବେ ନିଯୁକ୍ତି ପାଇଥିବା ବ୍ୟକ୍ତି ସମ୍ପାଦକ ହୋଇପାରିବେ ନାହିଁ ବୋଲି ନିୟମ ଥିବା ବେଳେ ସମିତିର ଅନ୍ୟ ଜଣେ ସଭ୍ୟ ବନମାଳି ମହାପାତ୍ର ଡବ୍ଲୁପିସି ନମ୍ବର ୧୪୦୭୪/୨୦୨୦ର ଆଦେଶକୁ ଚ୍ୟାଲେଞ୍ଜ କରି ଓଡିଶା ସମବାୟ ସମିତି ସମୁହର ନିବନ୍ଧକ ସୁସାନ୍ତ କୁମାର ବାରିକଙ୍କ ନାମରେ ଏକ ପୃଥକ କଣ୍ଟେମ୍ପ୍ଟ କେଶ ଓଡିଶା ଉଚ୍ଚ ନ୍ୟାୟାଳୟରେ ଦାଖଲ କରିଛନ୍ତି ।

## କୋଇଲା ବୋଝେଇ ଟ୍ରକକୁ ପିଟିଲା ସିମେଂଟ ବୋଝେଇ ଟ୍ରକ୍

ନୂଆପଡା: ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ୩୫୩ ନଂ ଜାତୀୟ ରାଜପଥର ବଡପୋଲ ପାଖରେ ଏକ ସାଙ୍ଘାତିକ ସଡକ ଦୁର୍ଘଟଣା ଗତକାଲି ରାତ୍ରରେ ହୋଇଥିଲା । ଛତିଶଗଡ ରାଜ୍ୟ ରାୟପୁର ପଟୁ ଦ୍ରୁତ ଗତିରେ ଆସୁଥିବା ଏକ କୋଇଲା ବୋଝେଇ ଟ୍ରକ ବଡ ପୋଲ ଛକ ପାଖରେ ଠିଆ ହୋଇଥିବା ଏକ ସିମେଂଟ ବୋଝେଇ ଟ୍ରକକୁ ପଛପଟୁ ଧକ୍କା ଦେଇଥିଲା ଓ ଦୁର୍ଘଟଣା ଘଟାଇଥିବା ଟ୍ରକ ୧୦୦ ମିଟର ପର୍ଯ୍ୟନ୍ତ ଆଗକୁ ଯାଇ ଡାହାଣ ପଟେ ଥିବା ଏକ ଦୋକାନ ଘରର ଆର୍ଜବେଷ୍ଟକୁ ଭାଙ୍ଗି ଦେଇ ଓଲଟି ଯାଇଥିଲା । ଦୁର୍ଘଟଣା ଘଟାଇଥିବା ଟ୍ରକଟି ସମ୍ପୂର୍ଣ୍ଣ ଭାଙ୍ଗି ଚୁରମାର ହୋଇ ଯାଇଥିବା ବେଳେ ଠିଆ ହୋଇଥିବା ଟ୍ରକର ମଧ୍ୟ ପଛପଟ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି । ସୌଭାଗ୍ୟର କଥା ଉକ୍ତ ଦୁର୍ଘଟଣା ହେବା ପୂର୍ବରୁ ଏହି ଛକରେ ଥିବା ଏକ ହୋଟେଲ ମାଲିକ ତାଙ୍କ ହୋଟେଲକୁ ଦୁର୍ଘଟଣା ଘଟିବାର ପୂର୍ବରୁ ଦୋକାନ ବନ୍ଦ କରି ଦେଇଥିଲେ । ନହେଲେ ତାଙ୍କର ଜୀବନ ଚାଲି ଯାଇଥାନ୍ତା । ଏହାସହ ହୋଟେଲକୁ ଲାଗି ଲୋକଙ୍କ ଘର ରହିଛି । ଘରେ ପରିବାର ରହୁଥିଲେ । ଯଦି ଟ୍ରକଟି ୫ ଫୁଟ ଆଗକୁ ଯାଇଥାନ୍ତା ତାହା ହେଲେ ଘରେ ଥିବା ସମସ୍ତ ପରିବାର ସଦସ୍ୟଙ୍କ ମଧ୍ୟ ମୃତ୍ୟୁ ହୋଇଯାଇଥାନ୍ତା । ଡ୍ରାଇଭର ଅଳ୍ପକେ ବର୍ତ୍ତୀ ଯାଇଥିବା ବେଳେ ଖଡିଆଳ ପୋଲିସ ଘଟଣା ସ୍ଥଳରେ ପହଂଚି ତଦନ୍ତ କରୁଥିବା ଜଣାପଡିଛି ।

## କେନ୍ଦ୍ରାପଡା ସାମ୍ବାଦିକଙ୍କୁ ଆକ୍ରମଣ ଘଟଣା, ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ହରିଚନ୍ଦନପୁର ପ୍ରେସ୍ କ୍ଲବ ପକ୍ଷରୁ ଦାବିପତ୍ର ପ୍ରଦାନ

କେନ୍ଦୁଝର:(ପି.ଏନ୍.):କେନ୍ଦ୍ରାପଡା ଜିଲ୍ଲାର ଜଣେ କାର୍ଯ୍ୟରତ ସାମ୍ବାଦିକଙ୍କ ଉପରେ ପୋଲିସର ଆକ୍ରମଣ ଘଟଣାକୁ ନିନ୍ଦା କରିବା ସହିତ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟମନ୍ତ୍ରୀ ଉଦ୍ଦେଶ୍ୟରେ ହରିଚନ୍ଦନପୁର ପ୍ରେସ୍ କ୍ଲବ ତରଫରୁ ଦାବିପତ୍ର ପ୍ରଦାନ କରାଯାଇଛି । ପୁରୀ ପରେ ନିକଟରେ କେନ୍ଦ୍ରପଡାରେ ଖବରଦାତାଙ୍କୁ ଆକ୍ରମଣ ନେଇ ଅଭିଯୋଗ ହୋଇଛି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଜେପି ପକ୍ଷରୁ ଧାରଣା ଦିଆଯାଉଥିବା ସମୟରେ ଗଣମାଧମର ପ୍ରତିନିଧିମାନେ ଉପସ୍ଥିତ ରହି ଖବର ସଂଗ୍ରହ କରୁଥିଲେ । ଠିକ୍ ଏହି ସମୟରେ ସେଠାରେ ଉପସ୍ଥିତ ଥିବା ମହିଳା କନେଷ୍ଟବଳ ପିନୁ ନାୟକ ନିଜ ମୁହଁରେ ମାସ୍କ ପିନ୍ଧି ନଥିବାର ଓ୍ୱେବ୍ ମିଡିଆର ପ୍ରତିନିଧି ଭୀମସେନ୍ ସେଠୀ ସେହି ଦୃଶ୍ୟକୁ ନିଜ କ୍ୟାମେରାରେ ଉଠାଇ ତାହାକୁ ବିଭିନ୍ନ ମିଡିଆରେ ପୋଷ୍ଟ କରିଥିଲେ । ଏହି ଘଟଣାରେ କ୍ରିୟାଶୀଳ ହୋଇ ମହିଳା କନେଷ୍ଟବଳ ପିନୁ ନାୟକ ସେଠାରେ ସର୍ବସମ୍ମୁଖରେ ଭୀମସେନଙ୍କ ଗାଲରେ ଚାପୁଡା ମାରିବା ସହିତ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ । ଏହି ଘଟଣାକୁ ନେଇ ଆଜି ହରିଚନ୍ଦନପୁର ପ୍ରେସ୍ କ୍ଲବ ପକ୍ଷରୁ ତୀବ୍ର ନିନ୍ଦା କରାଯିବା ସହ ସଂପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଦାବିପତ୍ର ଦେବା ସମୟରେ ପ୍ରେସ୍ କ୍ଲବ ସଭାପତି ପ୍ରଶାନ୍ତ କୁମାର ନାଏକ, ସମ୍ପାଦକ ଶ୍ରୀନିବାସ ପାଇକରାୟ, ପ୍ରେମାନନ୍ଦ ଦାସ, ରାମଚନ୍ଦ୍ର ନାଏକ, ପରେଶ କୁମାର ସେଠୀ, ଲକ୍ଷ୍ମଣ କୁମାର ମହାନ୍ତ, ଅନିଲ ସାହୁ, କୃଷ୍ଣଚନ୍ଦ୍ର ବେହେରା, ଭବାନୀ ପ୍ରସାଦ ମହାନ୍ତ, ଘନଶ୍ୟାମ ଜେନା, ନିଗମ ପ୍ରସାଦ ସାହୁ, ଉଦୟନାଥ ପାତ୍ର, ମନୋଜ କୁମାର ମହାନ୍ତ, ଉତ୍ତମ କୁମାର ଗିରି, ନିତ୍ୟାନନ୍ଦ ସାହୁ, ଦୁଷ୍ମନ୍ତ ମହାକୁଡଙ୍କ ସହ ୨୦ରୁ ଉର୍ଦ୍ଧ୍ୱ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ରହି କୋଭିଡ୍ ପାଳନ କରି ଗଣମାଧମ ପ୍ରତିନିଧି ମାନଙ୍କ ଉପରେ ହେଉଥିବା ଆକ୍ରମଣ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରି ଦାବିପତ୍ର ପ୍ରଦାନ କରିଥିଲେ ।

## ମୋବାଇଲରେ ଫ୍ରି ଫାୟାର ଗେମ୍ ଖେଳି ଦଶମ ଶ୍ରେଣୀ ଛାତ୍ର ଗୁରୁତର

କେନ୍ଦୁଝର:(ପି.ଏନ୍.): ମୋବାଇଲରେ ଫ୍ରି ଫାୟାର ଗେମ୍ ଖେଳି କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ଥାନା ଅନ୍ତର୍ଗତ ଆଖୁପାଳ ଗ୍ରାମର କୁଅଁର ଖଣ୍ଡାଙ୍କ ପୁଅ ଅଗସ୍ତି ଖଣ୍ଡା(୧୫) ଗୁରୁତର ଆହତ ହୋଇଛନ୍ତି । ସେ ମନୋହରପୁର ଉଚ୍ଚ ବିଦ୍ୟାଳୟରେ ଦଶମ ଶ୍ରେଣୀରେ ପାଠ ପଢୁଥିଲେ । ବାପା କୁଅଁର ଖଣ୍ଡା ପୁଅ ଅନ୍‌ଲାଇନ୍‌ରେ ପାଠ ପଢିବ ବୋଲି ସ୍ମାର୍ଟ ଫୋନ୍ କିଣି ତାଙ୍କୁ ଦେଇଥିଲେ । କିନ୍ତୁ ପୁଅ ପାଠ ନପଢି ଫ୍ରି ଫାୟାର ଗେମ୍ ଖେଳି ମାନସିକ ସ୍ଥିତି ହରାଇ ବସିଥିଲେ । ତାଙ୍କ ଅବସ୍ଥା ଗୁରୁତର ହେବାରୁ ପ୍ରଥମେ ତାଙ୍କୁ ହରିଚନ୍ଦନପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ । ତେବେ ତାଙ୍କର ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ସଙ୍ଗେ ସଙ୍ଗେ ତୋରାଣୀପୋଖରୀ ୧୦୮ ଆମ୍ବୁଲାନ୍ସ ଯୋଗେ କଟକ ବଡମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି ।

## ଉତ୍କଳ କରାଟେ ସ୍କୁଲର ୧୨ ଜଣ ଛାତ୍ରଙ୍କ ୟେଲୋ ବେଲ୍ଟ ହାସଲ

ନୂଆପଡା: ନୂଆପଡା ଜିଲ୍ଲା ଖଡିଆଳ ସ୍ଥିତ ଉତ୍କଳ କରାଟେ ସ୍କୁଲ ତରଫରୁ କରାଟେ ବେଲ୍ଟ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି । ଏହି ପରୀକ୍ଷା ସେନ୍‌ସେଇ ସୁରେଶ ଯାଦବ ପଚଂମ ଥର ବ୍ଲାକ ବେଲ୍ଟ, ବିଜେତାଙ୍କ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଉତ୍କଳ କରାଟେ ସ୍କୁଲର ଡାରେକ୍ଟର ଧର୍ମେଶ ମେହେର ମଧ ଉପସ୍ଥିତ ରହି ଛାତ୍ର ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି କରାଟେ ବେଲ୍ଟ ପରୀକ୍ଷାରେ ୧୨ ଜଣ ୟେଲୋ ବେଲ୍ଟ କୃତିତ୍ୱ ହାସଲ କରିଥିବା ଛାତ୍ର ମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା । ଏଥିରେ ସହକାରୀ କରାଟେ ଶିକ୍ଷକ ମୁକେଶ କୁମାର ବାଗ, ଜମ୍ବେଶ୍ୱର ତାଣ୍ଡି ସହାୟତା କରିଥିଲେ ।

## ଝୁମ୍ପୁରା ଥାନା ଅଚଂଳରେ ପୁଣି ମାତିଲେ ଚୋର

କେନ୍ଦୁଝର:(ପି.ଏନ୍.): କେନ୍ଦୁଝର ଜିଲ୍ଲା ଝୁମ୍ପୁରା ଥାନା ଅଚଂଳ ତଥା ଝୁମ୍ପୁରା ବଜାର ଅଚଂଳରେ ଅନେକ ଦିନ ବ୍ୟବଧାନ ପରେ ପୁଣି ଚୋରୀ ବଢିବାରେ ଲାଗିଛି । ପୁଲିସ୍ ର ଗତିବିଧିକୁ ଲକ୍ଷ ରଖି ଚୋରମାନେ ଚୋରୀ ଏବଂ ଲୁଟତରାଜ ଜାରି ରଖିଛନ୍ତି । ଖବରରୁ ପ୍ରକାଶ ଯେ ଝୁମ୍ପୁରା ଥାନା ଅଚଂଳ ବାଲିବନ୍ଧ ଗ୍ରାମର ବିପିନ୍ ଆପଟଙ୍କ ଘରୁ ୨୬ତାରିଖ ବିଳମ୍ବିତ ରାତିରେ ବୁଲେଟ୍ (ଓଡି୦୯ଏନ ୮୯୪୭) ଚୋରୀ ହୋଇଯାଇଥିବା ଥାନାରେ ଅଭିଯୋଗ ହେବାର ୨୪ଘଂଟା ନ ପୂରୁଣୁ ପୁଣି ୨୭ ତାରିଖ ବିଳମ୍ବିତ ରାତିରେ ଝୁମ୍ପୁରା ବ୍ଲକରୋଡସ୍ଥିତି ଆଶ ମେଡିସିନ୍ ଷ୍ଟୋର ଏବଂ ଗୋପାଳ ରାମ ଙ୍କ ଦୋକାନ ରୁ ଚୋରୀ ହୋଇଥିବା ଥାନାରେ ଅଭିଯୋଗ ହୋଇଛି । ଚୋରମାନେ ଗୋପାଳ ରାମଙ୍କ ଦୋକାନ ସଟ୍‌ର ତାଲ କାଟି ଭିତରେ ପଶି ନଗଦ ୧୦ ହଜାର ଟଙ୍କା ଚୋରୀ କରି ନେଇଥିବା ଥାନାରେ ଅଭିଯୋଗ କରିଛନ୍ତି ଗୋପାଳ ରାମଙ୍କ ପୁଅ ଦେବୁ ରାମ । ସେହିପରି ଆଶା ମେଡିସିନ୍ ଷ୍ଟୋର ର ସଟ୍‌ର ତାଲା କାଟିଥିଲେ ମଧ୍ୟ ଚୋରମାନେ ଦୋକାନ ଭିତରକୁ ପଶିବାରେ ବିଫଳ ହୋଇଥିବା ଅଭିଯୋଗ କରିଛନ୍ତି ମାଲିକ ତାପଶ କୁମାର ମହାନ୍ତ । ତେବେ ରାତ୍ରୀକାଳୀନ ପେଟ୍ରୋଲିଙ୍ଗ କଡାକଡି ହେଉ ନଥିବାରୁ ପୁଲିସ୍ କୁ ଚାଲେଂଚ ଦେଇ ଚୋର ଚୋରୀ କରୁଥିବା ସ୍ଥାନୀୟ ଅଚଂଳରେ ଚର୍ଚ୍ଚା ହେଉଅଛି । ଏନେଇ ଝୁମ୍ପୁରା ଥାନା ଅଧିକାରୀ ବରେନ୍ଦ୍ର ଶିଅଳଙ୍କ ମତାମତ ଲୋଡିବାରୁ କହିଲେ ପାରିପାର୍ଶ୍ୱିକସ୍ଥିତ ଅନୁଧ୍ୟାନ ଜାରି ରହିଛି ଏହା ବ୍ୟତୀତ ପେଟ୍ରୋଲିଙ୍ଗ ଜୋରଦାର କରାଯିବ ।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହୋଇଥିବା ଅନିୟମିତତାକୁ ନେଇ ଜିଲ୍ଲାପାଳଙ୍କୁ ଭେଟିଲେ ଗ୍ରାମବାସୀ

କେନ୍ଦୁଝର:(ପି.ଏନ୍.): ପ୍ରଧାନମନ୍ତ୍ରୀ ଗରିବ ଲୋକଙ୍କ ପାଇଁ ବିଭିନ୍ନ ଯୋଜନା କରୁଥିବା ବେଳେ ତାହା କିଛି ଅସାଧୁ କର୍ମଚାରୀଙ୍କ ପାଇଁ ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁ ନାହିଁ । ଏଭଳି ଏକ ଘଟଣା ଆନ୍ଦପୁର ବ୍ଲକ ବାଇଲୋ ପଂଚାୟତରେ ଦେଖିବାକୁ ମିଳିଛି । ବାଇଲୋ ପଂଚାୟତର ଖଡବିଲ, ଭାଟସିରା ଓ ବାଇଲୋ ଅଂଚଳରେ ଅଧିକାଂଶ ଲୋକେ ହରିଜନ ଶ୍ରେଣୀର ଅଟନ୍ତି ଏବଂ ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରୁଛନ୍ତି । ଅଭିଯୋଗ ଅନୁଯାୟୀ ବାଇଲୋ ପଂଚାୟତର ଖଡବିଲ ଗ୍ରାମର କିଛି ପରିବାର ବିଗତ ୨୦୧୭-୧୮ ମସିହାରେ ବାସହୀନ ପରିବାର ରୂପେ କେନ୍ଦ୍ର ସରକାରଙ୍କ ଯୋଜନା ମୁତାବକ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସ୍ଥାନୀୟ ବ୍ଲକ ଅଧୀନରେ ସମସ୍ତ ଆବଶ୍ୟକୀୟ ତଥ୍ୟଗତ ପ୍ରମାଣ ସହ ଦରଖାସ୍ତ ଆଗତ କରିଥିଲେ । ତତ୍‌ପରେ ସେମାନଙ୍କ ନାମ ହିତାଧିକାରୀ ରୂପେ ତାଲିକାରେ ପ୍ରକାଶ ପାଇଥିଲେ ମଧ ପରେ କେବଳ ଖାତା ଖତିୟାନରେ ଲୁଚି ଗଲା । ପୁନର୍ବାର ଆଶା ସଂଚାର କରି ଦରଖାସ୍ତ ଆଗତ କରିଥିଲେ ମଧ ସେମାନଙ୍କୁ ହିତାଧିକାରୀ ତାଲିକାରେ ଅନ୍ତର୍ଭୁକ୍ତ କରାଯାଇ ନାହିଁ । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ଗ୍ରାମରେ ୪ରୁ ୫ ଥର ସର୍ଭେ କରାଯାଇ ଯୋଗ୍ୟ ହିତାଧିକାରୀଙ୍କୁ ପୁନର୍ବାର ଚିହ୍ନଟ କରି ଆବଶ୍ୟକୀୟ କାଗଜପତ୍ର ସଂଗ୍ରହ କରିଥିଲେ । ଯେଉଁଥିଲେ ଅନେକ ଯୋଗ୍ୟ ହିତାଧିକାରୀ ବାଦ ପଡିଥିବା ଦେଖିବାକୁ ମିଳିଥିଲା । କେଉଁ କାରଣରୁ ସେମାନଙ୍କୁ ବାଦ୍ ଦିଆଯାଇଛି ତାହା ତଦନ୍ତ ସାପେକ୍ଷ କରି ବାଇଲୋ ପଂଚାୟତର ଗ୍ରାମବାସୀମାନେ ଜିଲ୍ଲାପାଳଙ୍କୁ ଭେଟି ଏକ ଲିଖିତ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି । ଖଡବିଲ ଗ୍ରାମର କିଛି ବ୍ୟକ୍ତି ବ୍ଲକ ଦ୍ୱାରା ବିଗତ ୨୦୧୭-୧୮ ମସିହା ହିତାଧିକାରୀ ତାଲିକା ଅନୁଯାୟୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀ ରୂପେ ସ୍ଥାନ ପାଇ ଏହାର ସୁବିଧା ପାଇପାରି ଥିଲେ । ଚଞ୍ଚକତା ପୂର୍ବକ ୨୦୨୧-୨୨ ତାଲିରେ ପୁନର୍ବାର ସେହି ବ୍ୟକ୍ତି ମାନଙ୍କର ସ୍ତ୍ରୀ ମାନଙ୍କ ନାମ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ଆବାସ ଯୋଗାଇ ଦେବା କେତେଦୂର ଠିକ୍ ? ଏପରି ପରିସ୍ଥିତିରେ ପ୍ରକୃତ ପକ୍ଷେ ନ୍ୟାୟୀକ ଦୃଷ୍ଟି କୋଣରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଁ ଉପଯୁକ୍ତ ହୋଇଥିବା ହିତାଧିକାରୀମାନେ ଏଥିରୁ ବଂଚିତ ହୋଇଛନ୍ତି । ତେଣୁ ଜିଲ୍ଲାପାଳ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେଇ ନ୍ୟାୟ ପ୍ରଦାନ କରିବାକୁ ଖଡବିଲ ଗ୍ରାମବାସୀମାନେ ଅନୁରୋଧ କରିଛନ୍ତି ।

## ଏସ୍‌ଟିଆଇ ଓ ଆଇଟିଆଇ ରେଳ ଓଭର ବ୍ରିଜ ନିର୍ମାଣ ଦୁର୍ନୀତିର ତଦନ୍ତ ଦାବି



ରାଉରକେଲା : ସ୍ଥାନୀୟ ଏସ୍‌ଟିଆଇ ରେଳ ଫାଟକ ଓ ଆଇଟିଆଇ ରେଳ ଫାଟକ ଠାରେ ନିର୍ମିତ ରେଳ ଓଭରବ୍ରିଜ୍ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ସହିତ ନିମ୍ନମାନର କାମ କରାଯାଇଛି । ଯେଉଁଥି ପାଇଁ ସାମାନ୍ୟ ବର୍ଷାରେ ଏହି ଉଭୟ ବ୍ରିଜ୍ ଉପରେ କୃତ୍ରିମ ହ୍ରଦ ସୃଷ୍ଟି ହୋଇ ଯାତାୟତରେ ଗୁରୁତର ବାଧା ଉପୁଜୁଛି ବୋଲି କଂଗ୍ରେସ ତରଫରୁ ଅଭିଯୋଗ କରାଯାଇ ଉକ୍ତ ବ୍ରିଜଦ୍ୱୟର ଉଚ୍ଚସ୍ତରୀୟ ବୈଷୟିକ କମିଟି ଦ୍ୱାରା ତଦ' କରାଇବାକୁ ଦାବି କରାଯାଇଛି । ଆଜି ତା-୨୮.୭.୨୧ ରିଖରେ ଜିଲ୍ଲା କଂଗ୍ରେସ ସଭାପତି ଜର୍ଜ ତିର୍କୀଙ୍କ ନେତୃତ୍ୱରେ କଂଗ୍ରେସର ଏକ ପ୍ରତିନିଧି ଦଳ ରାଉରକେଲା ରାସ୍ତା ଓ ଗୃହ ନିର୍ମାଣ ଡିଭିଜନ ନିର୍ବାହୀ ଯନ୍ତ୍ରୀ ମନୋଜ କୁମାର ମହାନନ୍ଦଙ୍କୁ ସାକ୍ଷାତ କରି ଉପରୋକ୍ତ ଅଭିଯୋଗ କରିବା ସହିତ ସମସ୍ୟାର ପ୍ରତିକାର ପାଇଁ ଦାବି କରିଥିଲେ । ରାସ୍ତା ଗୃହ ନିର୍ମାଣ ଡିଭିଜନ ଶାସକ ବିଜୁ ଜନତା ଦଳର ଏକ କାର୍ଯ୍ୟାଳୟରେ ପରିଣତ ହୋଇଛି ବୋଲି କଂଗ୍ରେସ ନେତୃବୃନ୍ଦ ଅଭିଯୋଗ କରି ବଡ ବଡ କାମଗୁଡିକୁ ଭାଗ ଭାଗ କରି କେବଳ ଦଳୀୟ ଠିକାଦାରମାନଙ୍କୁ ବିନା ଟେଣ୍ଡରରେ ବାଣ୍ଟି ଦିଆଯାଉଛି ବୋଲି କହିଥିଲେ । ଦୀର୍ଘ ୧୦ ବର୍ଷରୁ ଆରମ୍ଭ କରି ୨୦-୨୫ ବର୍ଷ ଧରି ଏହି ଡିଭିଜନରେ କାର୍ଯ୍ୟରତ କେତେକ ଦୁର୍ନୀତିଖୋର ଯନ୍ତ୍ରୀ ଠିକାଦାରଙ୍କ ସହିତ ମିଶି ଠିକାଦାରୀ କରୁଛନ୍ତି ବୋଲି କଂଗ୍ରେସ ନେତୃବୃନ୍ଦ ଅଭିଯୋଗ କରି ତୁର' ସେମାନଙ୍କ ବଦଳି ଦାବି କରିଥିଲେ । ସମ୍ପୃକ୍ତ ଯନ୍ତ୍ରୀମାନେ ବଦଳି ହେବା ଭୟରେ ଶାସକ ଦଳର ନେତାଙ୍କ ସୁନଜରରେ ତାଙ୍କ ଦଳୀୟ ଠିକାଦାରମାନଙ୍କୁ ୯୦ ପ୍ରତିଶତ କାମ ବିନା ଟେଣ୍ଡରରେ ବାଣ୍ଟି ଦେଉଛନ୍ତି ବୋଲି କହିଥିଲେ । ତେଣୁ ପିଡବ୍ଲୁଡି ନିୟମ ଅନୁଯାୟୀ ୫ ଲକ୍ଷରୁ ଅଧିକ ଟଙ୍କାର କାମକୁ ଭାଗ ଭାଗ ନ କରି ଖୋଲା ଇ-ଟେଣ୍ଡର କରିବା ପାଇଁ କଂଗ୍ରେସ ନେତୃବୃନ୍ଦ ଦାବି କରିବା ସହିତ ୫ ଲକ୍ଷରୁ କମ୍ ଟଙ୍କାର ସବୁ ମରାମତି ଓ ନିର୍ମାଣ କାମକୁ ସମାନୁପାତିକ ଭାବରେ ଡିଭିଜନର ସମସ୍ତ ଛୋଟ ଠିକାଦାରମାନଙ୍କୁ ବାଣ୍ଟି ଦେବାକୁ ପରାମର୍ଶ ଦେଇଥିଲେ । ଯଦି ଡିଭିଜନ କର୍ତ୍ତୃପକ୍ଷ ଶାସକ ଦଳର ଠିକାଦାରଙ୍କ ତୁଷ୍ଟୀକରଣରୁ ନିବୃତ୍ତ ରହି ନିଷ୍ପକ୍ଷ ଭାବେ କାମ ନ କର୍ନ୍ତି ତେବେ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଏହି ଅବସରରେ ଚେତାବନୀ ଦେଇଥିଲେ । ଏହି ପ୍ରତିନିଧି ଦଳରେ ଶ୍ରୀ ତିର୍କୀଙ୍କ ସମେତ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ବିରେନ ସେନାପତି, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ ଓ ଦେବବ୍ରତ ବିହାରୀ, ପୂର୍ବତନ ପିସିସି ସମ୍ପାଦକ ସବୀର ହୁସେନ, କଂଗ୍ରେସ ନେତା କୀର୍ତ୍ତନ ଦାସ, କୈଳାସ ଚନ୍ଦ୍ର ସାହୁ, ରବୀନ୍ଦ୍ର ଦାସ, ଇଂ.ଶିବୁ ଓରାମ ଓ ଯୁବକଂଗ୍ରେସ ସାଧାରଣ ସମ୍ପାଦକ ଜ୍ଞାନେନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ଇସ୍ତାହାରରେ କୁହାଯାଇଛି ।

## ମାଟି ଏବଂ ପଲିଥିନ୍ ଘରେ ବିତୁଛି ଜୀବନ

ଘଟଗାଁ(ପିଏନ)-ଉଭୟ କେନ୍ଦ୍ର ଏବଂ ରାଜ୍ୟ ପ୍ରତ୍ୟେକ ଦିନ ଅନେକ ଗରିବ ବାସହରା ହିତାଧିକାରୀଙ୍କୁ ରାଜ୍ୟ ସରକାରଙ୍କ ବିଜୁ ପକ୍କା ଘର କିମ୍ବା କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅନ୍ତର୍ଭୁକ୍ତ କରାଇ ଘର ଯୋଗାଉଥିବା ଦେଖିବାକୁ ମିଳୁଥିବା ବେଳେ ଅନେକ ଲୋକ ଆଜିବି ଝାଟି ମାଟି ଏବଂ ପାଲ ପଲିଥିନ୍ ଘରେ ଜୀବନ ବିତାଉଥିବା ଦେଖିବାକୁ ମିଳୁଛି । ଏଭଳି ଏକ ଅବିକଳ ଚିତ୍ର ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ୍ ଅନ୍ତର୍ଗତ ସୁନାରୀପଶୀ ଗାଁରେ । ଗାଁର ଚରଣ ମୁଣ୍ଡା ଆଜକୁ ତିନି ବର୍ଷ ହେବ ଏକ ଝାଟି, ପିଲିଥିନ୍‌କୁ ଘରର କାନ୍ଥ କରି ରହୁଥିବା ଦେଖିବାକୁ ମିଳୁଛି । ଚରଣ ଦିନ ମଜୁରୀଆ ହୋଇଥିବାରୁ ଘର ଖଣ୍ଡିଏ ବନାଇବାକୁ ସକ୍ଷମ ନାହିଁ ତାର । କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ୍ ଅନ୍ତର୍ଗତ ସୁନାରିପଶୀ ଗାଁର ରାଜାବନ୍ଧ ସାହିର ଚରଣ ମୁଣ୍ଡା । ବୟସ ପାଖାପାଖି ୪୦ ହେବ । ପରିବାରରେ ସ୍ତ୍ରୀ ସହିତ ତିନୋଟି ପୁଅ । ଚରଣ ଜଣେ ଦିନ ମଜୁରୀଆ ଖଟିଖିଆ ଲୋକ । ପ୍ରତ୍ୟେକ ଦିନ ଯାହା ମୁଲମଜୁରି କରି ଆଣିଥାଏ, ସେସବୁ ପରିବାରର ଖାଇବାକୁ ମଧ ଅଂଟେନାହିଁ । ପୂର୍ବରୁ ସେ ବରାହଟିପୁରା ଗାଁରେ ରହୁଥିଲେ, ବାପା ଚାଲି ଗଲା ପରେ ବାସ ହରା ହୋଇ ଆଜକୁ ତିନି ବର୍ଷ ହେବ ସୁନାରିପଶି ଗାଁର ରଜାବନ୍ଧ ସାହିରେ ରହୁଛନ୍ତି । ଚରଣ ସ୍ତ୍ରୀ ସହିତ ତିନି ପୁଅଙ୍କୁ ନେଇ ନାହିଁ ନଥିବା ଅଭାବ ଅନଟନରେ ଜୀବନ ବିତାଉଛନ୍ତି । ଠିକ୍‌ସେ ନିଜ ପରିବାରର ଗୁଜରାଣ ମେଂଟାଇପାରୁ ନଥିବା ଚରଣ ଘର ଖଣ୍ଡିଏ ବନାଇବା ପାଇଁ ତା ପାଖରେ ସମ୍ବଳ ନାହିଁ । ଯାହାଫଳରେ ଆଜକୁ ତିନି ବର୍ଷରୁ ଉର୍ଦ୍ଧ୍ୱ ହେବ ଝାଟି, ପଲିଥିନକୁ କାନ୍ଥ କରି ଗୋଟିଏ ଝାଟି ଘରେ ରହୁଛନ୍ତି । ଘର ଖଣ୍ଡିଏ ପାଇଁ ବାରମ୍ବାର ବ୍ଲକ୍ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ ଆଜି ପର୍ଯ୍ୟନ୍ତ ତାଙ୍କ ପାଇଁ ସରକାଙ୍ଗ ପ୍ରଧାନ ମନ୍ତ୍ରୀ ଏବଂ ବିଜୁ ବିଜୁ ପକ୍କା ଘର ଯୋଜନା ସାତସପନ । ତେବେ ବାସ ହରା ଲୋକମାନଙ୍କ ପାଇଁ ସରକାର ମାଳ ମାଳ ଯୋଜନା କରୁଥିଲେ ମଧ ଆଜିବି ଅନେକ ଲୋକ ଏଭଳି ଅବସ୍ଥାରେ ଝାଟି, ପଲିଥିନ୍‌କୁ କାନ୍ଥ କରି ରହୁଛନ୍ତି । ଚରଣ ମଧ ଆଜକୁ ତିନି ବର୍ଷ ହେବ ଏହି ଝାଟିମାଟିରେ ତିଆରି କାନ୍ଥ ପାଂଚ ଜଣ ପରିବାରକୁ ନେଇ ଏଭଳି ଦୁର୍ଦ୍ଦିନରେ ରହୁଛି । ତେବେ ଆମ ପ୍ରତିନିଧି ଚରଣଙ୍କ କରୁଣ କାହାଣୀ ଘଟଗାଁ ବିଡିଓଙ୍କ ପାଖରେ ଅବଗତ କରାଇବାରୁ ସେ ଖୁବଶିଘ୍ର ସରକାରଙ୍କ ଆବାସ କିମ୍ବା ପକ୍କା ଘର ଯୋଜନାରେ ଅନ୍ତର୍ଭୁକ୍ତ କରାଇ ଘର ଖଣ୍ଡିଏ ଦେବାର ବ୍ୟବସ୍ଥା କରିବେ ବୋଲି ପ୍ରତିସ୍ରୁତି ଦେଇଛନ୍ତିମ ।




Bhubaneswar Thursday July 29, 2021 ଭୁବନେଶ୍ୱର ଗୁରୁବାର, ଜୁଲାଇ ୨୯,୨୦୨୧ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com 

# ଓଡ଼ିଶାର କରତକଳ ଆଇନ ଲୋକଙ୍କ ପାଇଁ କାଳ ସାଜିଛି

ବାଲେଶ୍ୱର :ଓଡ଼ିଶାର କରତକଳ ଆଇନ ଆଜି ବାଲେଶ୍ୱର ଜିଲ୍ଲାର ୨୦ ହାଜାରରୁ ଉର୍ଦ୍ଧ୍ୱ ପରିବାର ମୁହଁରୁ ଆହାର ଛଡ଼େଇ ନେଇଛି। ସରକାର ଦୀର୍ଘଦିନ ଧରି ଗ୍ରାମାଞ୍ଚଳମାନଙ୍କରେ ଚାଲୁଥିବା କରତକଳଗୁଡ଼ିକୁ ଲାଇସେନ୍ସ ପ୍ରଦାନ ନକରିବା ଓ ବିଭିନ୍ନ ଆଳରେ ବନବିଭାଗ ବାରମ୍ବାର ଚଢଉ କରିବା ଫଳରେ ବାଧ୍ୟ ହୋଇ ମାଲିକମାନେ କରତକଳଗୁଡ଼ିକୁ ବନ୍ଦ କରିଦେଇଛନ୍ତି। ଫଳରେ ଏହା ଉପରେ ନିର୍ଭର କରୁଥିବା ହଜାର ହଜାର ଶ୍ରମିକ, କାଠକାରିଗର, ରାଜମିସ୍ତ୍ରୀ ଓ ରିକ୍ସା ଚାଳକମାନେ ଜୀବିକା ହରାଇ ବରିବାର ପ୍ରତିପୋଷଣ କରି ନପାରି ଜୀବନର ଚରମ ସୀମାରେ ପହଞ୍ଚି ସାରିଲେଣି। ୧୯୮୦ ମସିହା ପରେ ସରକାର ସର୍ବ ପ୍ରଥମେ କରତକଳକୁ ଲାଇସେନ୍ସ ପ୍ରଦାନ କରିବା ପାଇଁ ଆଇନ ପ୍ରଣୟନ କଲେ। ଏହା ପରେ ୧୯୯୧-୯୨ ମସିହାରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ୫୫୯ଟି କରତକଳକୁ ଲାଇସେନ୍ସ ପ୍ରଦାନ କରିଥିଲେ। ମାତ୍ର ୨୦୦୨ ମସିହାରେ ମାନ୍ୟବର ସର୍ବୋଚ୍ଚ ନିୟାଳୟଙ୍କ ନିର୍ଦ୍ଦେଶ ଅନୁସାରେ ଜଙ୍ଗଲ ସୀମାର ୧୦ କି.ମି ମଧ୍ୟରେ କୌଣସି କରତକଳ ଚାଲିପାରିବ ନାହିଁ ଏବଂ ଓଡ଼ିଶା ସରକାର ଦାଖଲ କରିଥିବଆ ସତ୍ୟପାଠରେ ଉଲ୍ଲେଖ କରିଥିଲେ ଯେ ଓଡ଼ିଶାରେ ଜଙ୍ଗଲଠାରୁ ୧୦ କି.ମି ଛାଡ଼ି କୌଣସି ସ୍ଥାନ ନାହିଁ। ତେଣୁ ଓଡ଼ିଶାର ସମସ୍ତ କରତକଳର ଲାଇସେନ୍ସକୁ ରଦ୍ଦ କରିଦିଆଗଲା। ସେହିଦିନ ଠାରୁ ସମଗ୍ର ଓଡ଼ିଶାରେ ବିନା ଲାଇସେନ୍ସରେ କରତକଳଗୁଡ଼ିକ ଚାଲୁଥିଲା। ୨୦୧୧ ମସିହାରେ ଆଇନର ପରିବର୍ତ୍ତନ କରି ସରକାର ପ୍ରତ୍ୟେକ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ନିକଟବର୍ତ୍ତୀ କେବଳ ଦୁଇଟି ଶିଳ୍ପାଞ୍ଚଳରେ ମୋଟ ୨୫୬ଟି କରତକଳକୁ ଲାଇସେନ୍ସ ପ୍ରଦାନ କରିଥିବା ବେଳେ ଗ୍ରାମାଞ୍ଚଳକୁ ଅଣଦେଖା କଲେ। ୧୯୮୦ ମସିହାରେ ଯେତେବେଳେ ଲୋକମାନେ ହାତ କରତରେ କାଠ ଚିରୁଥିଲେ ସେତେବେଳେ ସରକାର ୫୫୯ଟି କରତକଳକୁ ଓଡ଼ିଶାର ବିଭିନ୍ନ ସ୍ଥାନରେ ଲାଇସେନ୍ସ ଦେଇଥିଲେ। ମାତ୍ର ୨୦୨୧ ମସିହା ଅର୍ଥାତ୍ ୪୦ ବର୍ଷ ପରେ ଯେତେବଳେ ଲୋକେ ଯନ୍ତ୍ର ଉପରେ ସମ୍ପୂର୍ଣ୍ଣ ନିର୍ଭର ଶୀଳ ସେତେବେଳେ ସମଗ୍ର ରାଜ୍ୟରେ ମାତ୍ର ୨୫୬ଟି କରତକଳକୁ ଲାଇସେନ୍ସ ଦେଇଛନ୍ତି। ତାହା ପୁଣି ସହର ନିକଟରେ ଥିବା ଦୁଇଟି ଶିଳ୍ପାଞ୍ଚଳରେ। ଏଥିରୁ ସ୍ପଷ୍ଟ ଅନୁମେୟ ଯେ ସରକାର ବାସ୍ତବତାଠାରୁ କେତେ ଦୂରରେ। ଗ୍ରାମାଞ୍ଚଳରେ ବାସ କରୁଥିବା ଖଟିଖିଆ ଚାଷି ମୁଲିଆ ଯେଉଁମାନଙ୍କ ପାଖରେ ପର୍ଯ୍ୟାପ୍ତ ଅର୍ଥ ନାହିଁ, ସେମାନେ ନିଜ ବାଡ଼ିରେ ଥିବା କାଠଗୁଡ଼ିକୁ ଗ୍ରାମ ନିକଟରେ ଥିବା କରତକଳରେ ଚିରି ଗ୍ରାମର ବଢେଇମାନଙ୍କ ଦ୍ୱାରା ନିଜ କାମରେ ଲଗାନ୍ତି। ତେବେ ଏହି କରତକଳଗୁଡ଼ିକ ବନ୍ଦ ହେବା ଦ୍ୱାରା ଲୋକ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ତେଣୁ ସରକାର ପରିସ୍ଥିତିର ଗମ୍ଭୀରତାକୁ ଉପଲବ୍ଧି କରି ଜନସାଧାରଣଙ୍କର ସୁବିଧା ନିମନ୍ତେ ଦୃଢ ପଦକ୍ଷେପ ଦେବା ଜରୁରୀ। ପ୍ରତ୍ୟେକ କରତକଳର ମାଲିକ ନିଜ ଖର୍ଚ୍ଚରେ ସରକାରୀ ଜାଗାରେ ପ୍ରତି ବର୍ଷରେ ୧ ହଜାର ଗଛ ଲାଗାଇବେ ଓ ୫ ବର୍ଷ ପର୍ଯ୍ୟନ୍ତ ତାହାର ରକ୍ଷଣାବେକ୍ଷଣା କରିବେ। ଏହି ସର୍ତ୍ତରେ କରତକଳଗୁଡ଼ିକୁ ଲାଇସେନ୍ସ ଦେବା ଓ ରିନ୍ୟୁ କରିବାର ବ୍ୟବସ୍ଥା ହେବ ଉଚିତ। ଲାଇସେନ୍ସ ଦେବାରେ ଆଇନଗତ ସମସ୍ୟା ଥିଲେ ଆମର ପଡ଼ୋଶୀ ରାଜ୍ୟ ପଶ୍ଚିମବୋଙ୍ଗ ପରି ସେକେଣ୍ଡାରି ଲାଇସେନ୍ସ ମାଧ୍ୟମରେ କେବଳ ଘରବାଡ଼ି କାଠଗୁଡ଼ିକୁ ଚିରିବାର ସୁଯୋଗ ସୃଷ୍ଟି କରିପାରିଲେ ଜୀବିକା ହରାଇଥିବା ହଜାର ହଜାର ପରିବାର ଆସନ୍ନ ମୃତ୍ୟୁମୁଖରୁ ରକ୍ଷା ପାଇପାରିବେ ବୋଲି ଜୀବନ ଜୀବିକା ସୁରକ୍ଷା ସଂଯୁକ୍ତ ଗଣ ପରିଷଦର ସମ୍ପାଦକ ପ୍ରବୋଦ କୁମାର ପରିଡ଼ା ଓ ସଭାପତି ମଣିଭଦ୍ର ସାହୁ ଆୟୋଜିତ ଏକ ସମ୍ପାଦିକ ସମ୍ମିଳନିରେ ପ୍ରକାଶ କରିଛନ୍ତି।

# ଜୟଦେବ ବିଧାୟକଙ୍କ ଅଚାନକ ଶିକ୍ଷାନୁଷ୍ଠାନ ପରିଦର୍ଶନ



ବାଲିଅନ୍ତା : କରୋନା ମହାମାରି ସମୟରେ ଶିକ୍ଷାନୁଷ୍ଠାନ ସମ୍ପୂର୍ଣ୍ଣରୂପେ ବନ୍ଦ ହୋଇ ରହିଥିଲା । ରାଜ୍ୟ ସରକାରଙ୍କ ନୂଆ ନିୟମ ଅନୁଯାୟୀ ରାଜ୍ୟରେ ୧୦ମ ଓ ଦ୍ୱାଦଶ ଶ୍ରେଣୀର ପାଠ୍ୟକ୍ରମ କୋଭିଡ ୧୯ ନୀତି ନିୟମ ମଧ୍ୟରେ ଆରମ୍ଭ ହୋଇଛି । ଏହା ଠିକ୍ ରୂପେ ଶିକ୍ଷାନୁଷ୍ଠାନରେ ପାଳନ କରାଯାଉଛି କି ନାହିଁ ତାର ତଦାରଖ କରିବା ପାଇଁ ଜୟଦେବ ନିର୍ବାଚନ ମଣ୍ଡଳୀର ବିଧାୟକ ଡଃ ଅରବିନ୍ଦ ଢାଲୀ ଅଚାନକ ପ୍ରତାପଶାସନ ଗ୍ରାମ ପଂଚାୟତର ବହୁ ପୁରାତନ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଓ ପ୍ରତାପଶାସନ ଉଚ୍ଚ ବାଳିକା ବିଦ୍ୟାଳୟ ପରିଦର୍ଶନ କରିଥିଲେ । ଏହି ଅବସରରେ ଶ୍ରେଣୀ କକ୍ଷରେ ଥିବା ଛାତ୍ର ଛାତ୍ରୀ, ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କୁ ମାକ୍ସ ପିନ୍ଧିବା, ସାମାଜିକ ଦୂରତା ରକ୍ଷାକରିବା ଓ ହାତକୁ ଭଲ ଭାବରେ ସାନିଟାରାଇଜ୍ କରିବା ପାଇଁ ପରାମର୍ଶ ଦେଇଥିଲେ । କଲେଜର ପରିବେଶକୁ ଦେଖି ଉଚ୍ଚ ପ୍ରଶଂସା କରିବା ସହ କାର୍ଯ୍ୟରତ ଅଧ୍ୟାପକ ଲକ୍ଷ୍ମୀଧର ପ୍ରଧାନଙ୍କ କାର୍ଯ୍ୟକଳାପକୁ ଗଭୀରତମ ପ୍ରଦେଶରୁ ଧନ୍ୟବାଦ ଦେଇଥିଲେ । ବହୁ ଦିନରୁ ଅଂଚଳବାସୀଙ୍କ ଦାବୀ ରହିଛି ନୂତନ ଭାବେ +୨ ବିଜ୍ଞାନ ଓ ବାଣିଜ୍ୟ ବିଭାଗ ଖୋଲିବା ନେଇ ଉଚ୍ଚକର୍ତୃପକ୍ଷଙ୍କୁ ସଂଗେ ସଂଗେ ଫୋନ୍ ଯୋଗେ ଜଣାଇଥିଲେ । ଖୁବ୍ ଶିଘ୍ର ବିଭାଗ ଗୁଡିକ ଖୋଲିବା ନେଇ ସୂଚନା ଦେଇଥିଲେ । ପରେ ପରେ ପ୍ରତାପଶାସନ ବାଳିକା ଉଚ୍ଚ ବିଦ୍ୟାଳୟକୁ ଯାଇ ସେଠାରେ ସ୍ମାର୍ଟ କ୍ଲାସ୍ ରୁମ୍ କାର୍ଯ୍ୟ ତଦାରଖ କରିବା ସହିତ ଖୁବ୍ ଶିଘ୍ର କାର୍ଯ୍ୟ ସମ୍ପାଦନା ନେଇ ପ୍ରଧାନଶିକ୍ଷକ ଓ ପୁରାତନ ଛାତ୍ରୀ କମିଟିର ସଭାପତି ସବିତା ରଥଙ୍କ ସହ ଅଲୋଚନା କରିଥିଲେ । ବିଧାୟକଙ୍କ ସହିତ ଅନ୍ୟମାନଙ୍କ ମଧ୍ୟରେ ୧୭ନଂ ଜୋନର ଜିଲ୍ଲାପରିଷଦ ସଭ୍ୟ ଅମରେନ୍ଦ୍ର ପ୍ରସାଦ ପଟ୍ଟନାୟକ, ବିଧାୟକଙ୍କ ବାଲିଅନ୍ତା ବ୍ଲକ ଅନୁସୂଚିତ ବର୍ଗର ପ୍ରତିନିଧି ଦୀନବନ୍ଧୁ ଭୋଇ, ସ୍ଥାନୀୟ ସରପଂଚ ଭାଗ୍ୟଧର ନନ୍ଦୀ ଓ ଅରବିନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ବିରୂପା ନଦୀରେ ଏକ ଅଜଣା ଲୋକର ଶବ ଭାସୁଛି

କେନ୍ଦ୍ରାପଡ଼ା : ବିରୂପାନଦୀର ଇନ୍ଦୁପୁର ଠାରେ ଏକ ଅଜଣା ଲୋକର ଶବ ଭାସୁଥିବା ଦେଖିବାକୁ ମିଳିଛି । ସ୍ଥାନୀୟ ଲୋକଙ୍କ ପକ୍ଷରୁ ଏସମ୍ପର୍କରେ ନିକିରାଇ ଥାନାକୁ ଖବର ଦିଆଯିବା ପରେ ନିକିରାଇ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ଥାନା ପକ୍ଷରୁ ସୂଚନା ମିଳିଛି । ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ସେହି ଅଜଣା ଶବର କୌଣସି ପରିଚୟ ମିଳିନଥିବା ଜଣାପଡିଛି ।

## ଗ୍ୟାଙ୍ଗଷ୍ଟର ହାଇଦରର ପୁଅ ମୁନାର ଅନ୍ତରୀଣ ଜାମିନ ନାମଞ୍ଜୁର



କେନ୍ଦ୍ରାପଡ଼ା : ଏନକାଉଁଟରରେ ମୃତ ଗ୍ୟାଙ୍ଗଷ୍ଟର ହାଇଦରର ବଡପୁଅ ମୁନା ଓରଫ ସେକ କାଦିର ଅନ୍ତରୀଣ ଜାମିନ ଆବେଦନକୁ କେନ୍ଦ୍ରାପଡା ଜିଲ୍ଲା ଦୌରାଜଜ ନାମଞ୍ଜୁର କରିଦେଇଛନ୍ତି । ଚୌଦ୍ୱାର ଜେଲରେ ବିଚାରାଧିନ ବନ୍ଦି ଭାବେ ଥିବା ମୁନା ତା'ର ବାପା ହାଇଦରର ଶୁଦ୍ଧିକ୍ରୀୟାରେ ଯୋଗଦେବା ନିମନ୍ତେ ଗତ ସୋମବାର ଏକ ୪୦ଦିନିଆ ଅନ୍ତରୀଣ ଜାମିନ ପାଇଁ ଆବେଦନ କରିଥିଲା। ତେବେ ସର ଜେଲରୁ ମୁକ୍ତ ହେଲେ କୌଣସି ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିବା ଏବଂ ତା ଜୀବନ ପ୍ରତି ବିପଦ ସୃଷ୍ଟି ହେବା ଆଶଙ୍କା କରି ଜିଲ୍ଲା ଦୌରାଜଜ ତାର ଆବେଦନକୁ ଖାରଜ କରିଦେଇଥିବା ମୁନାର ଓକିଲ ରବିନାରାୟଣ ମହାନ୍ତିଙ୍କ ଠାରୁ ସୂଚନା ମିଳିଛି । ଗ୍ୟାଙ୍ଗଷ୍ଟର ହାଇଦରର ବଡପୁଅ ମୁନା ଗତ ୨୦୧୧ ମସିହାରେ କେନ୍ଦ୍ରାପଡା ଜିଲ୍ଲାର ଆଳି ଥାନା ଅଞ୍ଚଳର ଜଣେ ସିମେଣ୍ଟ ବ୍ୟବସାୟୀଙ୍କୁ ହତ୍ୟା କରିଥିବା ମାମଲାରେ ସେ ଜେଲରେ ଅଛି । ମୁନା ନାମରେ କେନ୍ଦ୍ରାପଡା ଟାଉନ ଥାନାରେ ୯ଟି ମାମଲା ସମେତ ରାଜ୍ୟର ବିଭିନ୍ନ ଜିଲ୍ଲାର ଥାନା ଗୁଡିକରେ ୧୯ଟି ମାମଲା ରହିଛି । ମୁନା ୨୦୧୧ମସିହାରୁ ଚୌଦ୍ୱାର ଜେଲରେ ବିଚାରାଧିନ ବନ୍ଦୀ ଭାବେ ଜୀବନ କାଟୁଛି ।

## ଭାରତୀୟ ମାନବଧିକାର ପରିଷଦ ପକ୍ଷରୁ ସାମ୍ବାଦିକଙ୍କୁ ମାଡ ଘଟଣାରେ ପ୍ରଶାସନକୁ ଚେତାବନୀ

କେନ୍ଦ୍ରାପଡ଼ା : ଭାରତୀୟ ମାନବଧିକାର ପରିଷଦ କେନ୍ଦ୍ରାପଡା ଜିଲ୍ଲା ଶାଖା ପକ୍ଷରୁ ସ୍ଥାନୀୟ ଗୋରୀଶଙ୍କର ହୋଟେଲ ପରିସରରେ ସାମ୍ବାଦିକଙ୍କୁ ମାଡ ଘଟଣାକୁ ନେଇ ଏକ ସାମ୍ବାଦିକ ସମ୍ମିଳନି ଅନୁଷ୍ଠିତ ହୋଇଯାଇଛି । ପରିଷଦର ଜିଲ୍ଲା ସଭାପତି ନିରଞ୍ଜନ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ରାଜ୍ୟ ପରିଷଦର ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ଜାତୀୟ ପରିଷଦର ସମ୍ପାଦକ ଚିତ୍ତରଞ୍ଜନ ତରାଇ ଓ ଜିଲ୍ଲା ସମ୍ପାଦକ ଧନେଶ୍ୱର ପଟ୍ଟନାୟକ ଯୋଗଦେଇ ଗତ ୨୧ତାରିଖରେ ଖବର ସଂଗ୍ରହ କରିବାକୁ କେନ୍ଦ୍ରାପଡା ଏସପିଙ୍କ କାର୍ଯ୍ୟାଳୟ ପରିସରକୁ ଯାଇଥିବା ୱେବ ମିଡିଆର ସାମ୍ବାଦିକ ଭୀମସେନ ସେଠୀଙ୍କୁ ଏସପିଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ମହିଳା କନେଷ୍ଟବଳ ଯେଉଁଭଳି ଭାବରେ ସର୍ବସମ୍ମୁଖରେ ମାଡ ମାରିଲେ ତାହା ବିରୋଧରେ ଯଦି ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ ତେବେ ୨ଶହରୁ ୩ଶହ ମହିଳା ଓ ପୁରିଷଙ୍କୁ ନେଇ ଭାରତୀୟ ମାନବାଧିକାର ପରିଷଦ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବ ବୋଲି ଜିଲ୍ଲା ପ୍ରଶାସନକୁ ଚେତାବନୀ ଦେଇଛି ପରିଷଦ ।

## କେନ୍ଦ୍ରାପଡା ଜିଲାରେ ଆଜି ୧୪୯କରୋନା ପଜିଟିଭ

କେନ୍ଦ୍ରାପଡ଼ା : କେନ୍ଦ୍ରାପଡା ଜିଲ୍ଲାରେ ବୁଧବାର ୧୪୯ଜଣ କରୋନା ପଜିଟିଭ ବାହାରିଥିବା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ସେଥିମଧ୍ୟରୁ ଆଳି ବ୍ଲକରେ ୫ଜଣ କରୋନା ପଜିଟିଭ କେଶ ବାହାରିଥିବା ବେଳେ ଡେରାବିଶ ବ୍ଲକରେ ୧୭, ଗରଦପୁର ବ୍ଲକରେ ୧୧ଜଣ, କେନ୍ଦ୍ରାପଡା ବ୍ଲକରେ ୪୦, ମହାକାଳପଡା ବ୍ଲକରେ ୧୦, ମାର୍ଶାଘାଇ ବ୍ଲକରେ ୧୪ଜଣ, ପଟ୍ଟାମୁଣ୍ଡାଇ ବ୍ଲକରେ ୧୮, ରାଜକନିକା ବ୍ଲକରେ ୧୮ଜଣ, ରାଜନଗର ବ୍ଲକରେ ୧୧ଜଣ, କେନ୍ଦ୍ରାପଡା ପୌରାଞ୍ଚଳରେ ୪ଜଣ ଓ ଅନ୍ୟ ଜିଲ୍ଲାର ଜଣେ କରୋନା ପଜିଟିଭ ବାହାରିଥିବା ସୂଚନା ଦିଆଯାଇଛି।

## ବଡପଡା ସମବାୟ ସମିତିରେ ସମ୍ପାଦକ ନିଯୁକ୍ତି ଘଟଣା

କେନ୍ଦ୍ରାପଡ଼ା,୨୯।୭ :କେନ୍ଦ୍ରାପଡା ଜିଲ୍ଲାର ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବଡପଡା ପ୍ରାଥମିକ କୃଷି ସମବାୟ ସମିତିରେ ବେଆଇନ ଭାବେ ଜନୈକ କଂଟ୍ରୋଲ ଡିଲରଙ୍କୁ ଗତ ୨୦୧୬ମସିହାରେ ପ୍ରଥମେ ଡାଟା ଏଣ୍ଟ୍ରି ଅପରେଟର ଭାବେ ନିଯୁକ୍ତି ପ୍ରଦାନ କରାଯିବା ପରେ ଗତ ୨୦୧୯ ମସିହାରେ ସହ ସମ୍ପାଦକ ଭାବେ କାର୍ଯ୍ୟ କରିବାକୁ ଅନୁମତି ଏବଂ ପରବର୍ତ୍ତି ସମୟରେ ୨୦୨୦ମସିହା ଜାନୁଆରୀମାସରେ ସେହି ଡିଲର କୃଷ୍ଣ ଜୀବନ ଦାଶଙ୍କୁ ସମ୍ପାଦକ ଭାବେ ଦାୟୀତ୍ୱ ପ୍ରଦାନ ଘଟଣାକୁ ନେଇ ବଡପଡାର ଅଜୟ ସାହୁ ଏଲ.ୱାଇ.-୨୨୩/୨୦୨୦ରେ ଏବଂ ଜ୍ୟୋତିପ୍ରକାଶ ପ୍ରଧାନ ଏଲ.ୱାଇ.-୧୦୪୩/୨୦୨୦ରେ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀ ଅର୍ଥ ବିନିମୟରେ ବେଆଇନ ଭାବେ ଏଭଳି କାର୍ଯ୍ୟ କରିଥରବା ନେଇ ଓଡିଶା ଲୋକାୟୁକ୍ତଙ୍କ ନିକଟରେ ୨ଟି ମାମଲା ରୁଜୁ କରିଥିଲେ । ଏହି ମାମଲାରେ ଚଳିତମାସ ୨୭ତାରିଖରେ ବଡପଡା ସମବାୟ ସମିତିର ପ୍ରଶାସକଙ୍କୁ ବିକାଶ କୁମାର ତରାଇଙ୍କୁ ଲୋକାୟୁକ୍ତଙ୍କ ନିକଟରେ ହାଜର ହେବାକୁ ପୂର୍ବରୁ ନୋଟିସ କରାଯାଇଥିଲା ।

# ଶୁଣିଲା ପ୍ରଶାସନ - ହେଲା ମରାମତି କାମ



ରଣପୁର: କିଛି ଦିନ ତଳେ ଚାନ୍ଦପୁର ବଜାର ଠାରୁ ୧୬ ନଂ ଜାତୀୟ ରାଜପଥକୁ ସଂଯୋଗ କରୁଥିବା ରାସ୍ତାର ଅବସ୍ଥା ଅତିଶୋଚନୀୟ ହୋଇପଡିବା ସହ ରାସ୍ତାର ବିଭିନ୍ନ ଜାଗାରେ ଆଣ୍ଠୁଏ ଆଣ୍ଠୁଏ ଖାଲ ହେବାରୁ ଅସରାଏ ବର୍ଷାରେ ରାସ୍ତାରେ ପାଣି ଜମୁଥିଲା । ଯାହା ଫଳରେ ଲୋକମାନେ ଯିବା ଆସିବାରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ । ଏହି ରାସ୍ତାର ଦୁରାବସ୍ଥା ସଂପର୍କରେ ସର୍ବପ୍ରଥମେ ପର୍ଯ୍ୟବେକ୍ଷକ ନ୍ୟୁଜ ପେପରରେ ପ୍ରକାଶିତ ହୋଇଥିଲା ଏବଂ ଏହି ରାସ୍ତାର ତୁରନ୍ତ ମରାମତି ନିମନ୍ତେ ନୟାଗଡ ଜିଲା ଭାରତୀୟ ଜନତା ପାର୍ଟିର ଜିଲା ସଂପାଦକ ତାପସ ରଂଜନ ମାର୍ଥା ଦାବି କରିଥିଲେ । ଖବର ପ୍ରସାରଣ ପରେ ବର୍ତମାନ ଚିଆଁଇ ଶୋଇଥିବା ପୂର୍ତ୍ତ ବିଭାଗ ରାସ୍ତାର ମରାମତି କାମ ଆରମ୍ଭ କରିଛି । ଏଥିରେ ଅଂଚଳବାସୀ ଖୁସି ବ୍ୟକ୍ତ କରି ପର୍ଯ୍ୟବେକ୍ଷକ ନ୍ୟୁଜ ପେପରକୁ ଧନ୍ୟବାଦ ଦେଇଛନ୍ତି ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray